୨୬ତମ ପ୍ରତିଷ୍ଠା ଦିବସ ସମାରୋହ


ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK　ପର୍ଯ୍ୟବେକ୍ଷକ

Voö.26 . No.286 Bhubaneswar Sunday December 29 2024 | ୨୬ତମ ବର୍ଷ ସଂଖ୍ୟା-୨୮୬ ଭୁବନେଶ୍ୱର, ରବିବାର, ଡିସେମ୍ବର ୨୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ରାଜଧାନୀରେ ସିରିଜ୍ ଦୁର୍ଘଟଣା; ୭ ଆହତ, ଉତ୍ତେଜନା



ଭୁବନେଶ୍ୱର,୨୮।୧୨(ପି.ଏନ): ଭୁବନେଶ୍ୱର ଜାଭିଅର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ସିରିଜ୍ ଦୁର୍ଘଟଣା। ପଛକୁ ପଛ ପିଟି ହେଲା କାର୍-ଭ୍ୟାନ୍-ଅଟୋ। ପ୍ରଥମେ ସ୍କୁଲ ଭ୍ୟାନ୍‌କୁ ପିଟିଲା କାର। ତା'ପରେ ସ୍କୁଲ ଭ୍ୟାନ୍ ପିଟିହେଲା ଅଟୋରେ। ଅଟୋଟି ଦୁଇଟି ବାଇକ୍‌ରେ ପିଟି ହୋଇଯାଇଥିଲା। ଏଥିରେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ସେଥିରେ ଜଣେ ଶିଶୁ ଥିବା ଜଣାପଡିଛି। ସମସ୍ତଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି।

## ୪୮ଘଣ୍ଟା ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ ଓ ଫସଲ କ୍ଷତିର ସଠିକ୍ ଆକଳନ କର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୧୨(ପି.ଏନ): ଆସନ୍ତା ୩୦ତାରିଖ ସୁଦ୍ଧା ଅର୍ଥାତ୍ ୪୮ଘଣ୍ଟା ମଧ୍ୟରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ପ୍ରକୃତ ଚାଷୀଙ୍କୁ ଚିହ୍ନଟ ସହ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଯେପରି ଜଣେବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବଂଚିତ ନହେବେ ସେଥିପାଇଁ ଧ୍ୟାନ ଦେବାକୁ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି ।ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତମାସ ୨୦ରୁ ୨୮ତାରିଖ ମଧ୍ୟରେ ରାଜ୍ୟରେ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ । ବୀମାଭୁକ୍ତ ଚାଷୀ ଓ ବୀମା କରିନଥିବା ଚାଷୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ଯଥାଶୀଘ୍ର ସହାୟତା ଡିବିଟି ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୀମାଭୁକ୍ତ ସମସ୍ତ ଚାଷୀମାନେ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କ୍ଷୟକ୍ଷତି ସମ୍ପର୍କରେ ବୀମା କମ୍ପାନୀଗୁଡିକୁ ସୂଚନା ଦେବେ ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜ୍ୟରେ ବଢିବ କି ମଦ ଦର: ଜାଣନ୍ତୁ କ'ଣ କହିଲେ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୨୮।୧୨: ରାଜ୍ୟରେ ବଢିବ କି ମଦ ଦର ମଦ ଦର ବୃଦ୍ଧି ନେଇ ଅବକାରୀ ମନ୍ତ୍ରୀଙ୍କ ପ୍ରତିକ୍ରିୟା ପରେ ଦର ବଢ଼ିବାକୁ ନେଇ ପ୍ରଶ୍ନ ଉଠିଛି । ମଦ ଦର ବୃଦ୍ଧି ନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ଦେଇ କହିଛନ୍ତି, ମଦ ଦର ବୃଦ୍ଧି ନେଇ ପ୍ରାଇସ ଫିକ୍‌ସେଶନ କମିଟି ରିପୋର୍ଟ ଆସିଛି। ଏହା ଉପରେ ସରକାର ନିଷ୍ପତ୍ତି ନେବେ ।ସମସ୍ତ ଷ୍ଟେକ୍ ହୋଲଡରଙ୍କ ସହ ଆଲୋଚନା କରି ଫିକ୍‌ସେସନ କମିଟି ନିଷ୍ପତ୍ତି ନିଏ । ୩ଦିନ ତଳେ ଏହି କମିଟି ବସିଥିବା ବେଳେ ମଦ ଦର ବୃଦ୍ଧି ନେଇ ନିଷ୍ପତ୍ତି ଆସିଛି । ଏହା ଉପରେ ରାଜ୍ୟ ସରକାର ବିଚାର କରିବେ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ବିଶ୍ୱ ପ୍ରସିଦ୍ଧ ବରଗଡ଼ 'ଧନୁଯାତ୍ରା' ଲାଗି ଅନୁଦାନ ରାଶି ୧ କୋଟିକୁ ବୃଦ୍ଧି

ବରଗଡ଼,୨୮।୧୨: ବରଗଡ଼ ବିଶ୍ୱ ପ୍ରସିଦ୍ଧ 'ଧନୁଯାତ୍ରା' ଲାଗି ଅନୁଦାନ ରାଶି ବଢ଼ିଛି । ପୂର୍ବରୁ ଏହା ୧୦ ଲକ୍ଷ ଟଙ୍କା ଥିବା ବେଳେ ଏହାକୁ ରାଜ୍ୟ ସରକାର ୧ କୋଟିକୁ ବୃଦ୍ଧି କରିଛନ୍ତି। ଏହାଛଡ଼ା ପ୍ରମୁଖ ୧୭୦ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏ ସମ୍ମାନ ରାଶି ପ୍ରଦାନ କରାଯିବ। ଧନୁଯାତ୍ରାକୁ ୟୁନେସ୍କ ଐତିହ୍ୟ ମାନ୍ୟତା ପାଇଁ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏ ସମ୍ପର୍କିତ ସମସ୍ତ ତଥ୍ୟ ଲାଗି ସ୍ୱତନ୍ତ୍ର ୱେବ୍‌ସାଇଟ୍ ହେବ। ରାଜ୍ୟବ୍ୟାପି ଏଲ୍‌ଇଡି ପରଦାରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ନିଗମାନନ୍ଦ ସମ୍ମିଳନୀ ବେଳେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ



ଭୁବନେଶ୍ୱର,୨୮।୧୨(ପି.ଏନ): ପୁରୀରେ ନିଗମାନନ୍ଦ ସମ୍ମିଳନୀ ଚାଲିଥିବା ବେଳେ ଆଖି ବୁଜିଛନ୍ତି ଦୁଇ ଜଣ ଭକ୍ତ । ସେମାନଙ୍କ ମଧ୍ୟରୁ ଜଣେ କଟକର ହୋଇଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗର ମେଦିନପୁର ବୋଲି ସୂଚନା ମିଳିଛି।

## ଚାଉଳ ବୋଝେଇ ଟ୍ରକକୁ ଧକ୍କା ଦେଲା କୋଇଲା ବୋଝେଇ ଟ୍ରକ, ଡ୍ରାଇଭର ଜୀବନ୍ତ ଦଗ୍ଧ

ଭୁବନେଶ୍ୱର,୨୮।୧୨(ପି.ଏନ): ଭବାନୀପାଟଣାରେ ଭୟଙ୍କର ସଡକ ଦୁର୍ଘଟଣା । ଟ୍ରକ ସହିତ ଜଳିଗଲେ ଡ୍ରାଇଭର । ମୁହାଁମୁହିଁ ଧକ୍କାରେ ୨ଟି ଟ୍ରକରେ ନିଆଁ ଲାଗିଯାଇଥିବା ସୂଚନା ରହିଛି । ୨ଟିଯାକ ଟ୍ରକରେ ନିଆଁଲାଗିଯାଇଥିବା ବେଳେ ଗୋଟିଏ ଟ୍ରକ ସହିତ ଡ୍ରାଇଭର ଜୀବନ୍ତ ଜଳିଯାଇଥିବା ସୂଚନା ରହିଛି । ଅନ୍ୟଏକ ଟ୍ରକରେ ମଧ୍ୟ ନିଆଁ ଲାଗିଯାଇଥିବା ବେଳ ଡ୍ରାଇଭରଙ୍କର ପତ୍ତା ମିଳୁନାହିଁ । କଳାହାଣ୍ଡି ଜିଲ୍ଲା ସଦର ଥାନା ପାସ୍ତିକୁଡା ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି । ଚାଉଳ ବୋଝେଇ ଟ୍ରକକୁ ପଛରୁ ଅନ୍ୟ ଏକ ଟ୍ରକ ଧକ୍କା ଦେଇଥିଲା ।ସୂଚନା ଅନୁସାରେ, ଆଜି ସକାଳ ୪ଟାରେ ଏହି ଦୁର୍ଘଟଣା ହୋଇଛି । ଚାଉଳ ବୋଝେଇ ଟ୍ରକଟି ଛିଡା ହୋଇଥିବା ବେଳେ ତାକୁ ଏକ କୋଇଲା ବୋଝେଇ ଟ୍ରକ ଧକ୍କା ଦେଇଥିଲା । ତେବେ କୋଇଲା ବୋଝେଇ ଟ୍ରକ ଚାଳକ ସହିତ ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଖବରପାଇ ଅଗ୍ନିଶମ ବାହାନି ନିଆଁକୁ ଆୟତ୍ତ କରିଥିଲେ ହେଁ ଜୀବନ ବଞ୍ଚାଇବାରେ ସମ୍ଭବପର ହୋଇପାରିନଥିଲେ । ତେବେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ନୂଆବର୍ଷରେ ପୁରୀ ଆସିବାର ଥିଲେ ଜାଣି ରଖନ୍ତୁ ଟ୍ରାଫିକ୍ କଟକଣା

ପୁରୀ,୨୮।୧୨(ପି.ଏନ): ଡିସେମ୍ବର ୩୧ରୁ ନୂଆବର୍ଷ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ପ୍ରବଳ ଭିଡ଼ ହେବ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ କଟକଣା ଜାରି କରାଯାଇଛି। ୬୦ ପ୍ଲାଟୁନ ଫୋର୍ସ ଏହିଦିନ ପୁରୀରେ ନିଯୁକ୍ତି ହେବେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଟ୍ରାଫିକ ସୁପରିଚାଳନା ନେଇ ଏପରି ପଦକ୍ଷେପ ନେଇଛି ଜିଲା ପୋଲିସ ।ଭୁବନେଶ୍ୱରରୁ ପୁରୀ ଆସୁଥିବା ଚାରିଚକିଆ ଯାନ ଜେଲ୍ ରୋଡ୍ ପାର୍କିଂରେ, କୋଣାର୍କରୁ ଆସୁଥିବା ଚାରିଚକିଆ ତାଳବଣିଆ ପାର୍କିଂରେ ଓ ବ୍ରହ୍ମଗିରିରୁ ଆସୁଥିବା ଚାରିଚକିଆ ଯାନ ଷ୍ଟର୍ଲିନ କିମ୍ବା ଯାତ୍ରିକା ପାର୍କିଂରେ ରହିବ। ମେଡିକାଲ ଛକଠାରୁ ଶ୍ରୀମନ୍ଦିର ଓ ବେଳାଭୂମି ପର୍ଯ୍ୟନ୍ତ କୌଣସି ଚାରିଚକିଆ ଯାନ ଯାତାୟାତ କରିପାରିବ ନାହିଁ। ମାର୍କେଟ ଛକଠାରୁ ହେବ ନୋ ଭେଇକିଲ୍ ଜୋନ୍ ହେବ। ସେହିପରି ଶ୍ରୀମନ୍ଦିର ବାହାରେ ଓ ଭିତରେ ଭିଡ଼ ନିୟନ୍ତ୍ରଣ ସହ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା କରାଯିବ। ବେଳାଭୂମିରେ ପର୍ଯ୍ୟାପ୍ତ ଲାଇଫ୍‌ଗାର୍ଡ ମୁତୟନ ହେବା ସହ ଜିରୋ ନାଇଟ୍ ସେଲିବ୍ରେଶନ ବେଳେ ପାଟ୍ରୋଲିଂକୁ ମଧ୍ୟ କଡ଼ାକଡ଼ି କରାଯିବ। ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଏସ୍‌ପି କହିଛନ୍ତି।

## ୩ ମହିଳା ନକ୍ସଲ ଗିରଫ, ମୁଣ୍ଡ ଉପରେ ଥିଲା ୮ ଲକ୍ଷ ଟଙ୍କା ପୁରସ୍କାର



ଭୁବନେଶ୍ୱର,୨୮।୧୨(ପି.ଏନ):ଓଡିଶା ପୁଲିସକୁ ମିଳିଛି ବଡ ସଫଳତା। ୩ ଦୁର୍ଦ୍ଦାନ୍ତ ମହିଳା ନକ୍ସଲଙ୍କୁ କରିଛି ଗିରଫ। ସେମାନଙ୍କ ମଧ୍ୟରୁ ଜଣେ ଏସିଏମ୍ ରାଙ୍କର। ସେହିପରି ଏହି ୩ ଜଣଙ୍କ ମୁଣ୍ଡ ଉପରେ ଥିଲା ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ।ଗୁଇନ୍ଦା ରିପୋର୍ଟ ଆଧାରରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଗୁଣ୍ଡାବେଡା ଜଙ୍ଗଲରୁ ଏହି ୩ ନକ୍ସଲଙ୍କୁ ଗିରଫ କରିଛି ପୁଲିସ। ଗିରଫ ନକ୍ସଲମାନେ ହେଉଛନ୍ତି ସ୍ୱପ୍ନା ଓରଫ ଚନ୍ଦ୍ରମା ଖିଲୋ, ବବିତା ଓରଫ କମଳା ଖିଲୋ ଓ ସୁନୀତା ଖିଲୋ। ସେମାନଙ୍କ ଘର ମାଲକାନଗିରି ଜିଲ୍ଲା ଯୋଡାମ୍ବ ଥାନା ଧାକଡପଦର ଗାଁରେ।ସ୍ୱପ୍ନା ୨୦୧୮ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ସେ ମାଲକାନଗିରିର ଗୁମ୍ମା ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ତାଙ୍କ ମୁଣ୍ଡ ଉପରେ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ୨୦୨୧ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ ବବିତା। ତାଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସୁନୀତା ଖିଲୋ ୨୦୨୧ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ତାଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା।

## ଗଜପତିରେ ଭୂକମ୍ପ, ଥରିଲା ମୋହନା ସମେତ ଏକାଧିକ ଅଞ୍ଚଳ

ମୋହନା,୨୮।୧୨(ପି.ଏନ): ଗଜପତି ମୋହନା ଅଞ୍ଚଳରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ଏହାର ଆଖାପାଖରେ ମଧ୍ୟ ଭୂକମ୍ପ ଝଟକା ଅନୁଭବ କରିଛନ୍ତି ଲୋକେ । ସମୟ ୧ଟା ବାଜି ୧ ମିନିଟରେ ସ୍ଥାନୀୟ ଅଞ୍ଚଳରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା । ଅଡବା, ଚାନ୍ଦିପୁଟ, ଲୁହାଗୁଡି, ତପ୍ତପାଣି ଅଞ୍ଚଳରେ ମଧ୍ୟ ସାମାନ୍ୟ ଝଟକା ଅନୁଭୂତ ହୋଇଥିବା ସୂଚନା ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପରକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୨୮।୧୨(ପି.ଏନ): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଶ୍ରୀ ପ୍ରତାପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା କହିଥରେ ଯେ, ନିଜର ଅତୁଳୀନୟ କୃତି ପାଇଁ ମନମୋହନ ସିଂ କେବଳ ଭାରତ ନୁହେଁ, ସାରା ବିଶ୍ୱରେ ସ୍ମରଣୀୟ ହୋଇ ରହିବେ । ଭାରତର ଦ୍ରୁତ ବିକାଶର ଶ୍ରେୟ କେବଳ ମନମୋହନ ସିଂଙ୍କର । ସରକାରକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବା ପାଇଁ ସେ ସୂଚନା ଅଧିକାର ଆଇନ ପ୍ରଣୟନ କରିଥିଲେ । ଯାହାଫଳରେ ଜଣେ ସାଧାରଣ ମଣିଷ ସରକାରୀ ବ୍ୟବସ୍ଥାକୁ ପ୍ରଶ୍ନ ପଚରି ଉତ୍ତର ପାଇବାର ଅଧିକାରପ୍ରାପ୍ତ ହୋଇପାରିଥିଲା ।ଭାରତକୁ କ୍ଷୁଧାମୁକ୍ତ କରିବା ପାଇଁ ଯୁଗାନ୍ତକାରୀ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିବା ସହ ଉତ୍କଟ ବେକାରୀରୁ ନିସ୍ତାର ପାଇଁ ସେ ଗରିବ ଜନସାଧାରଣଙ୍କ ନିମନ୍ତେ କର୍ମସଂସ୍ଥାନ ଯୋଗାଇବାକୁ



ଯୁଗାନ୍ତକାରୀ ମହାତ୍ମା ଗାନ୍ଧୀ ନରେଗା ଯୋଜନା ପ୍ରଣୟନ କରିଥିଲେ । ବିଶେଷକରି ଋଷୀଙ୍କୁ ସଶକ୍ତ କରିବା ପାଇଁ ୭୦ ହଜାର କୋଟି ଟଙ୍କାର ଋଣଛାଡ଼ର ବ୍ୟବସ୍ଥା ମଧ୍ୟ କରିଥିଲେ । ଭାରତବର୍ଷରେ ଅବହେଳିତ, ଅତ୍ୟାସ୍ତରିତ ଓ ନିଷ୍ପ ?ସିତ ଜନତାଙ୍କ ପାଇଁ ବହୁ ଯୁଗାନ୍ତକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଶ୍ରୀ ରବି ଦାସ କହିଲେ ଯେ, ମନମୋହନ ସିଂଙ୍କ ଲଦାରୀକରଣ ନୀତି ପାଇଁ ଭାରତରେ ଅର୍ଥନୈତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା । ତାଙ୍କର ପ୍ରଚେଷ୍ଟା ଫଳରେ ବିଶ୍ୱର ମାନ୍ଦା ଅବସ୍ଥାର ପ୍ରଭାବ ଭାରତରେ ପଡ଼ିପାରିଲା ନାହିଁ । ନିଜର ବିଚକ୍ଷଣତା ପାଇଁ ସମଗ୍ର ଦେଶକୁ ସେ ଆର୍ଥନ ସଙ୍କଟରୁ ଉଦ୍ଧାର କରିପାରିଥିଲେ । ସେ ପୁଞ୍ଜିପତି ବା ଶିଳ୍ପପତିଙ୍କ ଦ୍ୱାରା ପ୍ରଭାବିତ ହୋଇନଥିଲେ, ବରଂ ସାଧାରଣ ଜନ ?ତାର ଅର୍ଥନୈତିକ ବିକାଶ ପାଇଁ ନୀତିନିର୍ଦ୍ଧାରଣ କରୁଥିଲେ । ବନବାସୀଙ୍କର ଜଙ୍ଗଲ ଅଧୁକାରୀ ଆଇନ, ଜମି ଅଧିଗ୍ରହଣରେ ଉପଯୁକ୍ତ କ୍ଷତିପୂରଣ ଆଇନ- ୨୦୧୩ ତାଙ୍କର ଯୁଗାନ୍ତକାରୀ ନୀତି ଥିଲା । ଏପରିକି ଶିକ୍ଷା ଅଧୁକାର ଆଇନ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପ୍ରମୁଖ ତାଙ୍କର କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରିପାରିଛି । ବିଶେଷକରି ସେ ଜଣେ ପୁସ୍ତରଧର୍ମୀ ପ୍ରଧାନମନ୍ତ୍ରୀ ନଥିଲେ । ନୀରବ ରହି ଦେଶ ପାଇଁ ଅଧିକ କାର୍ଯ୍ୟ କରିବା ତାଙ୍କ ପ୍ରଧାନମନ୍ତ୍ରୀତ୍ୱର ବୈଶିଷ୍ଟ୍ୟ ଥିଲା ।ଏହି କାର୍ଯ୍ୟକ୍ରମରେ ରଣଜିତ ପାତ୍ର, ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ରବିତ ପ୍ରଧାନ, ରଜନୀ ମହାନ୍ତି, ସୁଦାସ ପ୍ରଧାନ, ଅକ୍ଷୟ ମଲ୍ଲିକ, ବିନୋଦ ରାଉତ, ସତ୍ୟବ୍ରତ ଦାସ, ଗୁରୁ ଚରଣ ମହାପାତ୍ର, ରାଜକିଶୋର ବାରିକ, ଆଲୋକ ମହାନ୍ତି, ଶ୍ରୀୟାସ୍ମିତା ପଣ୍ଡା, ମୀର ଅହମ୍ମଦ ଅଲୀ, ଶୁଭମ ରାଳ, ସ୍କନ୍ଦନ ସ୍ୱାଇଁ ଓ କମରୁଦ୍ଦିନ ଅଲ୍ଲୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପ୍ରଦ୍ୟୁମ୍ନ ବାସ ସଭା ପରିଷ୍କଳନା କାର୍ଯ୍ୟ ସମ୍ପାଦନ କରିଥିଲେ।

## ଦିଲ୍ଲୀରେ ୧୦୧ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା, ବାୟୁ ମାନରେ ଆସିଲା ଉନ୍ନତି



ଭୁବନେଶ୍ୱର,୨୮।୧୨(ପି.ଏନ): ଡିସେମ୍ବର ମାସରେ ଅଦିନିଆ ବର୍ଷା ଦିଲ୍ଲୀରେ ୧୦୧ ବର୍ଷର ରେକର୍ଡ ଭାଙ୍ଗିଛି। ସର୍ବଶେଷ ତଥ୍ୟ ଅନୁଯାୟୀ, ସଫଦରଜଙ୍ଗରେ ଶନିବାର ସକାଳ ସାଢେ ୮ଟା ସୁଦ୍ଧା ଗତ ୨୪ ଘଣ୍ଟାରେ ୪୧. ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଦିଲ୍ଲୀ ଇତିହାସରେ ଡିସେମ୍ବର ମାସରେ ଗୋଟିଏ ଦିନରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ବର୍ଷା। ଏହାପୂର୍ବରୁ, ୩ ଡିସେମ୍ବର ୧୯୨୩ରେ ଗୋଟିଏ ଦିନରେ ସର୍ବକାଳୀନ ରେକର୍ଡ ୭୫.୭ ମିମି ବର୍ଷା ହେଇଥିଲା। ତେବେ ଆଜି ରେକର୍ଡ ହୋଇଥିବା ବର୍ଷା ୧୦୧ ବର୍ଷରେ ଏକ ରେକର୍ଡ ।ଏହାପୂର୍ବରୁ ଦିଲ୍ଲୀରେ ଶୁକ୍ରବାର ପର୍ଯ୍ୟନ୍ତ ୧୫ ବର୍ଷ ମଧ୍ୟରେ ସର୍ବାଧିକ ବୃଷ୍ଟିପାତ ରେକର୍ଡ କରାଯାଇଛି। ଏହି କାରଣରୁ ଗତକାଲି ସହରର ସର୍ବାଧିକ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ହ୍ରାସ ପାଇ ୧୪.୬ ଡିଗ୍ରୀ ସେଲସିୟସକୁ ଖସି ଆସିଥିଲା। ଏହି କାରଣରୁ, ଗତ ୫ ବର୍ଷ ମଧ୍ୟରେ ଏହା ସବୁଠାରୁ ଥଣ୍ଡା ଦିନ ରେକର୍ଡ ହୋଇଥିଲା। ଆଜି(ଶନିବାର) ମଧ୍ୟ ଦିଲ୍ଲୀରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଫଳରେ ଦିନର ସର୍ବାଧିକ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସକୁ ଖସିଛି। ତେବେ ଏହି ଲଗାଣ ବର୍ଷା ମଧ୍ୟରେ ଭଲ ଖବର ହେଉଛି ଯେ ବର୍ଷା କାରଣରୁ ବାୟୁ ଗୁଣବତ୍ତାରେ ଉନ୍ନତି ଘଟିଛି ଏବଂ ବର୍ତ୍ତମାନ ସହରରୁ ଏଜଇଚ-୩ର ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି।

## ନୂଆବର୍ଷରୁ ପ୍ରବଳ କୁହୁଡି ସହ ଜାଡ କରିବ କଲବଲ

ଭୁବନେଶ୍ୱର,୨୮।୧୨(ପି.ଏନ): ନୂଆବର୍ଷରୁ ବଢିବ ଜାଡ । ଉପକୂଳ ଓଡିଶା ସମେତ ଆଭ୍ୟନ୍ତରୀଣ ଓଡିଶାରେ ଶୀତ ବଢିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାତିର ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ବେଳେ ପରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ । ପ୍ରବଳ ଜାଡ ସହ ଘନ କୁହୁଡି କରିବ ଅସ୍ତବ୍ୟସ୍ତ । ସେପଟେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟରେ ପଶ୍ଚିମା ଝଡର ପ୍ରଭାବ ରହିବ । ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, ବଲାଙ୍ଗୀର, ବରଗଡ, ସୋନପୁର, ଝାରସୁଗୁଡା, ସୁନ୍ଦରଗଡ, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର ଓ ନୂଆପଡାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । କାଲି କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ମାଲକାନଗିରିରେ ହାଲୁକା ବର୍ଷା ସମ୍ଭାବନା ଥିବା ବେଳେ ବାକି ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ୩୧ ତାରିଖରୁ ଆଭ୍ୟନ୍ତରୀଣ ଓଡିଶାର କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ମୟୂରଭଞ୍ଜ ଆଦି ଜିଲ୍ଲାରେ ତାପମାତ୍ରା କମିବ । ପରେ ଉପକୂଳ ଓଡିଶାର ଅଧିକାଂଶ ଜିଲ୍ଲାରେ ତାପମାତ୍ରା କମିବା ନେଇ ଆକଳନ କରାଯାଇଛି ।ସେପଟେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ନେଇ ୨ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ବିଶେଷ କରି କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାକୁ ସତର୍କତା ଜାରି କରିଛି ପାଣିପାଗ କେନ୍ଦ୍ର । ଏହି ଦୁଇ ଜିଲ୍ଲାରେ ୫୦ ମିଟର ତଳକୁ ଖସି ଆସିବ ଦୃଶ୍ୟମାନ ଦୂରତା । ସେହିଭଳି କେନ୍ଦୁଝର, ଝାରସୁଗୁଡା, ସୁନ୍ଦରଗଡ ଓ ଅନୁଗୁଳରେ ମଧ୍ୟମ ଧରଣର କୁହୁଡି ନେଇ ସତର୍କତା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ପାହାଡିଆ ଅଞ୍ଚଳ ଭାବରେ ଜି. ଉଦୟଗିରି ସବୁଠାରୁ ଥଣ୍ଡା ସହର ଭାବରେ ରେକର୍ଡ କରାଯାଇଛି । ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମତଳ ଅଞ୍ଚଳ ଭାବରେ ଫୁଲବାଣୀରେ ୧୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଭୁବନେଶ୍ୱରରେ ୧୪.୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ କଟକରେ ୧୪.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

## କ୍ରିମିନାଲ ରେକର୍ଡ ଥିବା ସେବାୟତଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟିରେ ମିଳିବନି ସ୍ଥାନ



ପୁରୀ,୨୮।୧୨(ପି.ଏନ): ଶ୍ରୀମନ୍ଦିରର ପରିଚାଳନା କମିଟି ଗଠନ ପାଇଁ ନୂଆ ଗାଇଡଲାଇନ ଜାରି ହୋଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅତିରିକ୍ତ ଚିଠି ଲେଖିଛନ୍ତି । ୭ଟି ଫର୍ମୁଲା ଆପଣାଇବା ପାଇଁ ଏହି ଚିଠିରେ ଉଲ୍ଲେଖ ଅଛି । ସରକାରଙ୍କ ଦ୍ୱାରା ୫ଜଣ ସେବାୟତ କମିଟିକୁ ମନୋନୀତ ହେବେ । ଏହି ଚିଠିରେ ଉଲ୍ଲେଖ ଅଛି ଯେ, ଯେଉଁ ସେବାୟତମାନଙ୍କର କ୍ରିମିନାଲ ରେକର୍ଡ ଅଛି, ସେମାନଙ୍କୁ ଏହି କମିଟିରେ ସ୍ଥାନ ମିଳିବ ନାହିଁ ।ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥାକୁ ନେଇ ଖବର ଆସିଥିଲା। ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କହିଛନ୍ତି, "ଏବେ ହେବନି ଶ୍ରୀମନ୍ଦିରରେ ଦର୍ଶନ ଟ୍ରାଏଲ୍ ରନ୍ । ନୂଆବର୍ଷରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି । ଗଙ୍ଗାସ୍ନାନ ପଡୁଥିବାରୁ ଜାନୁଆରୀ ୨୦ ଯାଏଁ ଏହି ଭିଡ ରହିବ। ତେବେ ଜାନୁଆରୀ ୨୦ ତାରିଖରୁ ୨୨ ମଧ୍ୟରେ ଏହି ଧାଡି ଦର୍ଶନ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା ଲାଗୁ କରାଯିବ ।"





# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା’ ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ



ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।




# ଜନବିରୋଧୀ ଅର୍ଥନୀତି ଓ ବିଭାଜନକାରୀ ରାଜନୀତିକୁ ପରାସ୍ତ କର !

ଭୁବନେଶ୍ୱର (ପିଏନ୍): ମୋଦି ସରକାରର ଜନବିରୋଧୀ ଅର୍ଥନୀତି ଏବଂ ବିଭାଜନକାରୀ ରାଜନୀତିକୁ ପରାସ୍ତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ମାର୍ଗଠାରେ ଆୟୋଜିତ ଜନସମାବେଶରେ ସି.ପି.ଆଇ.(ଏମ୍) ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି । ସି.ପି.ଆଇ.(ଏମ୍)ର ପଲିଟବ୍ୟୁରୋ ସଦସ୍ୟ ତଥା ପଶ୍ଚିମବଙ୍ଗ ସରକାରର ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ଆର୍.ଏସ୍.ଏସ୍. ନେତୃତ୍ୱାଧୀନ ବିଜେପି ସରକାରକୁ ଜନମାନସରୁ ବିଚ୍ଛିନ୍ନ କରିବା ଏବଂ ପରାସ୍ତ କରିବା ଦେଶବାସୀଙ୍କ ସମ୍ମୁଖରେ ମୁଖ୍ୟ ଆହ୍ୱାନ । ସ୍ୱାଧୀନତା ସଂଗ୍ରାମରେ ଆଦୌ ଅଂଶଗ୍ରହଣ କରି ନଥିବା ଏହି ସାଂପ୍ରଦାୟିକ ଅଶୁଭ ଶକ୍ତି, ସ୍ୱାଧୀନତାର ୭୫ ବାର୍ଷିକୀ ପୂର୍ତ୍ତିବେଳେ ଦେଶରେ ଶାସନ କରିବା ଏକ ଦୁର୍ଭାଗ୍ୟଜନକ ସ୍ଥିତି ବୋଲି ସେ କହିଥିଲେ । ବିଜେପିର ଶାସନରେ ଲଗାମହୀନ ଦରବୃଦ୍ଧି, ଭୟଙ୍କର ବେକାରୀ, ଜାତୀୟ ସମ୍ପଦ ବିକ୍ରୀ, ଚାଷୀ ଫସଲର ଅଭାବୀ ବିକ୍ରି ଏବଂ ଶ୍ରମଜୀବୀ ଜନଗଣଙ୍କ ଉପରେ ନିର୍ମମ ଶୋଷଣ ଇତ୍ୟାଦି ତୀବ୍ରତର ହୋଇଛି । ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ହୋଇ ଏକ ଡଲାରର ବିନିମୟ ମୂଲ୍ୟ ୮୦ ଟଙ୍କାରେ ପରିଣତ ହୋଇଛି । କୃଷି ବ୍ୟବସ୍ଥା ଭୁଷୁଡି ପଡିଛି । କୋଟି କୋଟି ଚାଷୀ ଚାଷ ଛାଡୁଛନ୍ତି । କୋଟି କୋଟି ଶ୍ରମିକ ରୋଜଗାର ହରାଉଛନ୍ତି । ମୋଦି ସରକାର ଏହିସବୁ ସମସ୍ୟାକୁ ସମାଧାନ କରିବାରେ ବ୍ୟର୍ଥ ହେବା ସହିତ କ୍ଷମତାରେ ରହିବା ପାଇଁ ସାମ୍ପ୍ରଦାୟିକ ବିଭାଜନ ପରି ବିଷାକ୍ତ ରାଜନୀତି କରୁଛନ୍ତି । ଦେଶର ସମ୍ବିଧାନ, ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଜୀବନଜୀବିକାର ଅଧିକାର ପାଇଁ ଚାଲିଥିବା ଲଢେଇରେ ବାମପନ୍ଥୀମାନେ ଆଗ ଧାଡିରେ ଅଛନ୍ତି । ଲଢେଇର ଏହି ସନ୍ଧିକ୍ଷଣରେ ଓଡିଶାର ବିଜୁ ଜନତାଦଳ ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ଦରକାର ବୋଲି ସେ କହିଛନ୍ତି । ବିଜେପିର ସମସ୍ତ ଜନବିରୋଧୀ ନୀତିକୁ ନବୀନବାବୁଙ୍କ ସରକାର ସମର୍ଥନ ଦେଇ ଚାଲିବେ, ନା ବିଜୁବାବୁଙ୍କ ଧର୍ମନିରପେକ୍ଷ ବିଚାରକୁ ଆଗେଇନେବା ପାଇଁ ସାରା ଦେଶରେ ଆରମ୍ଭ ହୋଇଥିବା ବିଜେପି ବିରୋଧୀ ଲଢେଇରେ ବିଜେଡି ସାମିଲ ହେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ।

ସି.ପି.ଆଇ.(ଏମ୍) ଏବଂ ବାମପନ୍ଥୀମାନେ ବିଜେପି ସରକାରର ଜନବିରୋଧୀ ନୀତି ଏବଂ ବିଭାଜନକାରୀ ରାଜନୀତି ବିରୁଦ୍ଧରେ ଚଳାଇ ରଖିଥିବା ଏହି ଅଭିଯାନରେ ସମସ୍ତ ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଶକ୍ତିମାନେ ସାମିଲ ହେବାକୁ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଆହ୍ୱାନ କରିଥିଲେ ।

ସି.ପି.ଆଇ.(ଏମ୍)ର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ । ମୋଦି ସରକାରର ସର୍ବନାଶକାରୀ ନୀତି ବିରୋଧରେ ଜୀବନଜୀବିକାର ଅଧିକାର ପାଇଁ ସଂଘର୍ଷକୁ ଆଗେଇ ନେବା ପାଇଁ ସେ ଆହ୍ୱାନ କରିଥିଲେ । ଶ୍ରମିକର ଦୈନିକ ମଜୁରୀ ୭୦୦ ଟଙ୍କା, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ଭାଗଚାଷୀଙ୍କ ଅଧିକାର ପାଇଁ ଆଇନ ପ୍ରଣୟନ, ଧାନ କୁଇଣ୍ଟାଲ ୩୦୦୦ ଟଙ୍କା ଧାର୍ଯ୍ୟ କରିବା, ମନରେଗା ଯୋଜନାରେ ୨୦୦ ଦିନର କାମ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଭୂମିହୀନଙ୍କୁ ଜମି, ଜମିର କର୍ପୋରେଟ୍ ଲୁଣ୍ଠନ ବନ୍ଦ, ବେକାରୀଙ୍କୁ ନିଯୁକ୍ତି, ଦଳିତଙ୍କୁ ସାମାଜିକ ନ୍ୟାୟ ଏବଂ ମହିଳାଙ୍କ ନିରାପତ୍ତା ଇତ୍ୟାଦି ସମସ୍ତ ଜ୍ୱଳନ୍ତ ପ୍ରସଙ୍ଗ ଉପରେ ଆଗାମୀ ଚାରିମାସ ବ୍ୟାପୀ ପ୍ରଚାର ଅଭିଯାନ ଜାରି ରହିବ ବୋଲି ସେ ଘୋଷଣା କରିଥିଲେ ।

ଏହି ସଭାରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ, ବିଷ୍ଣୁ ମହାନ୍ତି, ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ, ଶିଶିର ହୁଇ, ଆଦିବାସୀ ନେତା ସାଲ ମାର୍ଣ୍ଡି ପ୍ରମୁଖ ବକ୍ତବ୍ୟ ରଖିବା ସହିତ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାସ, ସନ୍ତୋଷ ଦାସ, ଜମେଶ୍ୱର ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସି.ପି.ଆଇ.(ଏମ୍) ସୁନ୍ଦରଗଡ ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ବିମାନ ମାଇତି, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଗଞ୍ଜାମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କଟକ ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ପୁରୀ ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ନୟାଗଡ ଜିଲ୍ଲା ସମ୍ପାଦକ ଶରତ ବେହେରା, ଗଜପତି ଜିଲ୍ଲା ସମ୍ପାଦକ ଦଣ୍ଡପାଣି ରଇତ, ମାଲକାନାଗିରି ଜିଲ୍ଲା ସମ୍ପାଦକ ବ୍ରଜ ମାଝି, ଜଗତସିଂହପୁର ଜିଲ୍ଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, କେନ୍ଦ୍ରାପଡା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଭଦ୍ରକ ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ଚନ୍ଦ୍ରଶେଖର ନାୟକ ପ୍ରମୁଖ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ ।

# ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍)-ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ପର୍ଯ୍ୟଟନ ବିଭାଗ ଦ୍ୱାରା ଓଡ଼ିଶା ବାୟ ରୋଡ୍ (Odisha By Road) କ୍ୟାମ୍ପେନ୍‌କୁ ଦୃଷ୍ଟିରେ ରଖି କଳିଙ୍ଗ ରାଇଡର୍ସଙ୍କ ଦ୍ୱାରା ସକାଳେ ଇନ୍‌ଫୋସିଟି ଛକଠାରୁ ଧଉଳୀ ପର୍ଯ୍ୟନ୍ତ ଏକ ସୁପର ବାଇକ୍ ରାଲି (Super Bike Rally)ର ଆୟୋଜନ କରାଯାଇଥିଲା । ଏଥିସହିତ Utkal Galleria Mallଠାରେ ହସ୍ତତନ୍ତର ପ୍ରଦର୍ଶନୀ ଏବଂ Esplanade Mallଠାରେ ହସ୍ତଶିଳ୍ପର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏହି ପ୍ରଦର୍ଶନୀ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ପ୍ରଦର୍ଶିତ ହେବ ।

ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଭ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଯଥା: ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର; ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ସଚିନ ରାମଚନ୍ଦ୍ର ଯାଦବ; ଆଞ୍ଚଳିକ ପାଶପୋର୍ଟ ଅଧିକାରୀ ଶ୍ରୀଯୁକ୍ତ ସୁଧାଂଶୁଶେଖର ମିଶ୍ର; ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରସନ୍ନ ପ୍ରଧାନ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ଉପସ୍ଥିତ ଅତିଥିମାନେ ଓଡ଼ିଶା ପର୍ଯ୍ୟଟନର ଉନ୍ନତି ହେବା ସହିତ ଓଡ଼ିଶାକୁ ପର୍ଯ୍ୟଟକମାନଙ୍କର ଅଧିକରୁ ଅଧିକ ଆଗମନ ପାଇଁ ଦିଗ୍‌ଦର୍ଶନ ଦେଇଥିଲେ । ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ସିଂ ଲାଗୁରୀ ଉକ୍ତ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର ଅଧିକାରୀମାନଙ୍କ ଦ୍ୱାରା



ପରିବେଶିତ ହୋଇଥିଲା ନାଟକ 'ମଣିଷ ଗଛର ଛାଇ' । ଭଙ୍ଗାଗଢା ଦୁନିଆଁର ଗତି ବଡ଼ ବିଚିତ୍ର । ଆଜିର ସମାଜରେ ନିଜର ସ୍ୱାର୍ଥ, ଅହଙ୍କାର ଆଉ ଅର୍ଥର ଲାଳସା ପାଇଁ କେତେ ଯେ ସୁନାର ସଂସାର ଭାଙ୍ଗିରୁଜି ଚୁରମାର ହୋଇଯାଏ ତା'ର ହିସାବ ନାହିଁ, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା 'ମଣିଷ ଗଛର ଛାଇ' ନାଟକରେ । ମଣିଷ ଗଛଟିଏ ଲଗାଏ ନିଜ ପାଇଁ ନୁହେଁ ଅନେକ ପଥଚାରୀଙ୍କ ଆଶ୍ରୟ ନିମନ୍ତେ । ଠିକ୍ ସେମିତି ଜଣେ ମଣିଷ ନିଃସନ୍ତାନ ଜୀବନ ବିତାଉଥିବା ବେଳେ ନିଜର ବଂଶ ରକ୍ଷାପାଇଁ ଆପଣେଇ ନେଇଛନ୍ତି ଗୋଟିଏ ଅନାଥ ଶିଶୁକୁ । ସମୟଚକ୍ରରେ ଚକା ବଦଳିଯାଏ ଏବଂ ନିଃସନ୍ତାନ ଥିବା ସେହି ମଣିଷର ପରିବାରକୁ ଆସନ୍ତି ଦୁଇଟି ଯାଆଁଳା ସନ୍ତାନ । ସେଇ ଯାଆଁଳା ପିଲା ଦୁଇଜଣ ଅର୍ଥ ଓ ପ୍ରେମ ପାଇଁ ଚାଲିଯାଆନ୍ତି ଏକ ଅମଡ଼ା ବାଟରେ । କିନ୍ତୁ ସେହି ଅନାଥ ଶିଶୁଟି ସେହି ପରିବାରକୁ ଆପଣାଇ ପରିବର୍ତ୍ତନ କରିଛି ସମସ୍ତଙ୍କୁ । ଶେଷରେ ସମସ୍ତେ ନିଜ ନିଜ ଭୁଲ ବୁଝିପାରି ଫେରିଛନ୍ତି ହସଖୁସିର ସେହି ପରିବାରକୁ, କିନ୍ତୁ ହରାଇଛନ୍ତି ସେହି ମଣିଷକୁ । ନାଟକଟିର ନାଟ୍ୟକାର ଥିଲେ ସୁଶିଲ କୁମାର ରଥ, ନାଟକଟିର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ଅନନ୍ତ କିଶୋର ସାହୁ, ସହକାରୀ ନିର୍ଦ୍ଦେଶକ ଥିଲେ ରାଜକିଶୋର ନାୟକ ଓ ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ । ନାଟକରେ ଅଭିନୟ କରିଥିବା କଳାକାରମାନେ ହେଲେ-ତପନ କୁମାର ନାୟକ, ବିଷ୍ଣୁ ପ୍ରସାଦ ସିଂହ, ପ୍ରଶାନ୍ତ କୁମାର ନାୟକ, କେଦାରନାଥ ଦାସ, ଅମିୟ କୁମାର ପରିଡ଼ା, ପ୍ରସନ୍ନ କୁମାର ସ୍ୱାଇଁ, ଲଗେନ୍ଦ୍ର ନାଥ ଟୁଡୁ, ବିଜୟ କୁମାର ବେହେରା, ସୁଶାନ୍ତ କୁମାର ପାଣିଗ୍ରାହୀ, ଗୁରୁଚରଣ ମୁଣ୍ଡା, ବିଜୟ କୁମାର ମାଝୀ, ଜଗବନ୍ଧୁ ସାହୁ, ତ୍ରିନାଥ କୁମାର ମହାନ୍ତି, କାବେରୀ, ମନି, ଗୁଡ଼ି, ପ୍ରିୟା ଓ ନିରଂଜନ ।

# ଜନତାଙ୍କ ଉପରେ ମହଙ୍ଗା ମାଡ଼ ଅସହ୍ୟ !

ଭୁବନେଶ୍ୱର (ପିଏନ୍)- କେନ୍ଦ୍ରର ବିଜେପି ସରକାର ଦେଶବାସୀଙ୍କୁ ଏକ ଭୟଙ୍କର ପରିସ୍ଥିତିକୁ ଠେଲି ଦେଇଛି । ଦରଦଦାମ ବୃଦ୍ଧି ସାଧାରଣ ଜନତାଙ୍କୁ ନୟାନ୍ତ ଏବଂ ତଳିତଳାନ୍ତ କରିଦେଇଛି । ଲୋକଙ୍କ ଭିତରେ ତ୍ରାହି ତ୍ରାହି ଚିତ୍କାର । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦାମ ଉଦ୍‌ବେଗ ଜନକ ଭାବରେ ବଢ଼ି ଚାଲିଛି । ଗତ ୧୩ ଦିନ ଭିତରେ ୧୨ ଥର ପେଟ୍ରୋଲ ଓ ଡିଜେଲର ଦାମ ବଢ଼ିଛି । ଭୁବନେଶ୍ୱର ପେଟ୍ରୋଲର ଦାମ ଟ. ୧୧୧.୫୩ ଡିଜେଲ ୧୦୧.୨୯ ଏବଂ ଗ୍ୟାସର ଦାସ ୯୭୬ ଟଙ୍କାରେ ପଂହଚିଛି । ଏହାର ପ୍ରଭାବରେ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ପ୍ରବଳ ମାତ୍ରାରେ ବଢ଼ିଛି, ଯାହାକି ସାଧାରଣ ଜନଜୀବନକୁ ଚରମ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି । ଏହାକୁ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରର ବିଜେପି ସରକାରକୁ ଶାଣିତ ଆକ୍ରମଣ କରିଛନ୍ତି କଂଗ୍ରେସର ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ । କେନ୍ଦ୍ରର ୟୁପିଏ ସରକାର ସମୟରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦରରେ ସାମାନ୍ୟ ବୃଦ୍ଧି ବେଳେ ସ୍ମୃତି ଇରାନୀ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂକୁ ଚୁଡ଼ି ପିନ୍ଧାଇବା ପାଇଁ ନାରା ଦେଇଥିଲେ । ଏବେ କୁଆଡ଼େ ଗଲେ ସ୍ମୃତି ଇରାନୀ ଏବଂ ବିଜେପିର ଅନ୍ୟ ନେତାମାନେ ? ବାବା ରାମଦେବ ସେତେବେଳେ ମୋଦି ସରକାର ଆସିଲେ ୪୦ ଟଙ୍କାର ପେଟ୍ରୋଲ ମିଳିବ ବୋଲି କହିଥିଲେ । ଏବେ କୁଆଡ଼େ ଗଲେ ସେହି ରାମଦେବ ଏବଂ ତାଙ୍କର ଚେଲାମାନେ ?

କଂଗ୍ରେସ ସରକାର ସମୟରେ ୨୦୧୨-୨୦୧୪ ସମୟ କାଳ ଭିତରେ ଅଶୋଧିତ ତୈଳ ଦର ଥିଲା ବ୍ୟାରେଲ ପିଛା ୧୦୮ରୁ ୧୪୦ ଡଲାର । ସେତେବେଳେ ପେଟ୍ରୋଲ ଦାମ ଥିଲା ୭୧ ଟଙ୍କା ୪୧ ପଇସା ଓ ଡିଜେଲର ଦାମ ଥିଲା ୫୫ ଟଙ୍କା ୪୯ ପଇସା । ମାତ୍ର ଏବେ ୨୦୨୨ର ବିଜେପି ସରକାର ସମୟରେ ଅଶୌଧିତ ତୈଳର ଦାମ ହେଉଛି ୧୦୮ ଡଲାର । ମାତ ପେଟ୍ରୋଲ ଡିଜେଲର ଦାମ ଶହେ ପାର କାହିଁକି ? ବିଜେପି ସରକାର ପାଖରେ ଏହାର ଉତର ଅଛିକି ?

୨୦୧୪ରେ କଂଗ୍ରେସ ସରକାର ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ଟ୍ୟାକ୍ସ ପରିମାଣ ଲିଟର ପିଛା ଯଥାକ୍ରମେ ଟ. ୯.୨୦ ଓ ଟ. ୩.୪୬ ଥିଲା । ମାତ୍ର ବର୍ତ୍ତମାନ ତାହା ଯଥାକ୍ରମେ ୨୦୩ ଓ ୫୩୧ ଶତାଂଶ ବୃଦ୍ଧି ପାଇଛି । ୨୦୧୪ ରୁ ୨୦୨୨ ଭିତରେ ବିଜେପି ସରକାର ଦେଶବାସୀଙ୍କ ପକେଟ କାଟି ଓ ସେମାନଙ୍କୁ ଲୁଟ କରି ରାଜକୋଷକୁ ଭର୍ତି କରିବାରେ ଲାଗିଛନ୍ତି । ଏହି ସମୟ ଭିତରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରବୃଦ୍ଧି କରି ଲୋକଙ୍କ ଠାରୁ ୨୬ ଲକ୍ଷ କୋଟି ଟଙ୍କା ଲୁଟ କରିଛନ୍ତି । ଏହା ପ୍ରଧାନମନ୍ତ୍ରୀ ଜନଧନ ଲୁଟ ଯୋଜନା ବୋଲି କଂଗ୍ରେସ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । କରୋନା ସମୟରେ ଯେତେବେଳେ ଦେଶବାସୀ ଚରମ ହା ହୁତାଶ ଭିତରେ ଗତି କରୁଛନ୍ତି, ସେତେବେଳେ ଗତ ୨ ବର୍ଷରେ ବିଜେପି ସରକାର ପେଟ୍ରୋଲ ଦାମକୁ ୨୯ ଟଙ୍କା ଓ ଡିଜେଲ ଦାମକୁ ୨୭ ଟଙ୍କା ବୃଦ୍ଧି କରିଛନ୍ତି । ଏହା ବିଜେପି ସରକାରର ଦେଶବାସୀଙ୍କ ପ୍ରତି କ୍ରୁର ଉପହାସ ବୋଲି ଶ୍ରୀ ଦାସ କହିଛନ୍ତି । କଂଗ୍ରେସ ସମୟରେ କାହିଁକି ପେଟ୍ରୋଲ ଡିଜେଲ ଦର କମ ରହୁଥିଲା ? କଂଗ୍ରେସ ସରକାର ସମୟରେ ୨୦୧୧-୧୨ ଠାରୁ ୨୦୧୩-୧୪ ସମୟ ଭିତରେ ପେଟ୍ରୋଲ ଓ ଡିଜେଲ ଉପରେ ୧.୫୦ ଲକ୍ଷ କୋଟି ଟଙ୍କା ସବସିଡି ଦଆଯାଉଥିଲା । ଫଳରେ ସମାଜର ଗରିବ, ନିମ୍ନ ମଧ୍ୟବିତ ଓ ମଧ୍ୟବିତ ଶ୍ରେଣୀ କମ ଦରରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ପାଇ ପାରୁଥିଲେ । ଏହି ସବସିଡିର ପରିମାଣ ୨୦୧୧-୧୨ ରେ ୧.୪୨ ଲକ୍ଷ କୋଟି ୨୦୧୨-୧୩ ରେ ୧.୬୪ ଲକ୍ଷ କୋଟି ଓ ୧୩.୧୪ ରେ ୧.୪୨ କୋଟି ଟଙ୍କା ଥିଲା । ମାତ୍ର ବର୍ତ୍ତମାନର ବିଜେପି ସରକାର ସମୟରେ ଏହି ସବସିଡି ପରିମାଣ ୨୦୧୬-୧୭ ରେ ୨୭ ହଜାର କୋଟି, ୨୦୧୭-୧୮ ରେ ୨୮ ହଜାର କୋଟି । ୨୦୧୮-୧୯ ରେ ୪୩ ହଜାର କୋଟି, ୨୦୧୯-୨୦ ରେ ୨୬ ହଜାର କୋଟି ଓ ୨୦-୨୧ ରେ ମାତ ୧୧ ହଜାର କୋଟିରେ ସୀମାବଦ୍ଧ ହୋଇଯାଇଛି । ଫଳରେ ପେଟ୍ରୋଲ ଡିଜେଲର ଦାମ ଏହି ପରି ଆକାଶଛୁଆଁ ହୋଇଛି । ରନ୍ଧନ ଗ୍ୟାସର ମୂଲ୍ୟ ୨୦୧୪ ରେ କଂଗ୍ରେସ ସରକାର ସମୟରେ ୪୧୦ ଟଙ୍କା ଥିଲା । ଏବେ ୯୭୬ ଟଙ୍କା ବା ୧୦୦୦ ଟଙ୍କାରେ ପଂହଚିଲାଣି । ୨୦୧୪ ତୁଳନାରେ ଏହା ୫୩୯.୫୦ ଟଙ୍କା ବୃଦ୍ଧି ପାଇଛି । ୨୦୧୨-୧୩ ରେ ଅଶୋଧିତ ଗ୍ୟାସର ଦାମ ପ୍ରତି ମେଟ୍ରିକ୍ ଟନ ପିଛା ଥିଲା ୮୮୫ ଡଲାର । ୨୦୧୪ ଏହା ଥିଲା ୮୮୦ ଡଲାର । ମାତ୍ର ୨୦୨୨ ରେ ଏହାର ଦାମ କମି ପ୍ରତି ମେଟ୍ରିକ୍‌ଟନ ପିଛା ୭୬୯ ଡଲାରରେ ପଂହଚିଛି । ମାତ୍ର ଯେତେବେଳ ୪୧୦ ଟଙ୍କାରେ ମିଳୁଥିବା ସିଲିଣ୍ଡର ଗ୍ୟାସ ଏବେ ୧୦୦୦ ଟଙ୍କା ରେ ପହଂଚିଛି । କେନ୍ଦ୍ର ବିଜେପି ସରକାର ପେଟ୍ରୋଲ ଓ ଡିଜେଲ ଉପରେ ସବସିଡି ବଢ଼ାଇବା ସହିତ ଟ୍ୟାକ୍ସ କମାଇବା ପାଇଁ କଂଗ୍ରେସ ଦୃଢ଼ ଦାବୀ କରୁଛି । ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ ଡିଜେଲ ଉପରେ ତାଙ୍କା ଭାଟ କମାଇବାକୁ ମଧ୍ୟ କଂଗ୍ରେସ ପ୍ରସ୍ତାବ ଦେଉଛି । ତାହା ନହେଲେ ସାଧାରଣ ଜନତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କ୍ଷମା ଦେବେ ନାହିଁ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି । ସଂପ୍ରତି ଦରଦାମ ବୃଦ୍ଧି ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଧନ ଲୁଟରେ ଆଜି ସମଗ୍ର ଦେଶବାସୀ ଏକ ଘୋର ଆତଙ୍କ ଭିତରକୁ ଠେଲି ହୋଇଯାଇଛନ୍ତି । ଏଥିରୁ ଦେଶବାସୀଙ୍କୁ ମୁକ୍ତି ଦେବାପାଇଁ କଂଗ୍ରେସ ଦେଶତମାମ 'ମହଙ୍ଗାଇ ମୁକ୍ତ ଭାରତ' ଅଭିଯାନର ଡାକରା ଦେଇଛି ।

# କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ସମସ୍ୟାକୁ ଲୋକସଭା ଓ ବିଧାନସଭାରେ ଉପସ୍ଥାପିତ କରାଯିବ

ଭୁବନେଶ୍ୱର (ପିଏନ୍) : ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଇ ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଯେଉଁଭଳି ଆର୍ଥିକ ଅନାଟନର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଲୋକସଭା ଓ ବିଧାନସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ଓ ଜୟପୁରର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି । ଅପ୍ରେଲ ୧୬ ରୁ ୧୮ ତାରିଖ ତିନିଦିନ ଧରି ଜୟପୁରସ୍ଥିତ ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ (ଏଏସଏମଏନଆଇ)ର ୨୧ତମ ସର୍ବଭାରତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ । ଭାଷା, ସାହିତ୍ୟ, ସଂସ୍କୃତି ଋଦ୍ଧିମନ୍ତ କରିବା ସହିତ ବିଶେଷକରି ଅବହେଳିତ ଅଞ୍ଚଳର ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ଦିଗରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର କେବଳ ବୃହତ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରୁଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଲଗାତର ଅବହେଳାର ଶିକାର ହୋଇଆସୁଛନ୍ତି । କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ସାମ୍ବାଦିକମାନଙ୍କ ଭଳି ଦିଆଯାଉଥିବା ସୁବିଧା ସୁଯୋଗ ଯଥା ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ନ କରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଅତିଥିମାନେ କହିଥିଲେ । କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରତ କୁମାର ପଲିତା ଉଦବୋଧନ ଦେଇ ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ସ୍ୱାମୀନାଥନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା ଯୋଗ ଦେଇଥିଲେ । ବର୍ତ୍ତମାନ ନ୍ୟୁଜ୍ ପ୍ରିଣ୍ଟର ମୂଲ୍ୟବୃଦ୍ଧି ଯୋଗୁଁ ବକ୍ତାମାନେ ଉଦବେଗ ପ୍ରକାଶ କରି ଏ ଦିଗରେ କେନ୍ଦ୍ର ସରକାର ସମସ୍ତ ରିହାତି ଯୋଗାଇବା ଉଚିତ ହେବ ବୋଲି କହିଥିଲେ । କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ଚାପ ସୃଷ୍ଟି, ସମାଜରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ଦୂର କରିବା ପାଇଁ ବୃହତ ସମ୍ବାଦପତ୍ରମାନେ ବିଫଳ ହେଉଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ହିଁ ଲୋକଲୋଚନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଅନୁମୋଦନ କରିବା ପାଇଁ ଦୁଇ ହଜାର ପ୍ରସାରକୁ ସ୍ୱୀକୃତି ପ୍ରଦାନ କରିବା, ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ଦିଆଯାଉଥିବା ବିଜ୍ଞାପନକୁ ଜିଲାସ୍ତରୀୟ ସମ୍ବାଦପତ୍ର ଗୁଡ଼ିକୁ ପ୍ରଦାନ କରିବା, ସରକାରୀ ସ୍ୱୀକୃତି ଅନୁମୋଦନ ପାଇଁ ଅପେକ୍ଷା କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରି ସ୍ୱୀକୃତି ପ୍ରଦାନ କରିବା ଭଳି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ଉଭୟେ ଶ୍ରୀ ଉଲାକା ଓ ଶ୍ରୀ ବାହିନୀପତି ସଂଗଠନ ପକ୍ଷରୁ ପ୍ରସ୍ତାବ ମିଳିଲେ କାଯର୍‌ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହୋଇଥିଲା । ସମ୍ମିଳନୀରେ ରାଜ୍ୟ ସଂଗଠନର ସଭାପତି ରବି ରଥ, ମୁଖ୍ୟ ଉଦ୍ୟୋକ୍ତା ତଥା କେବିକେ ସମାଚାର ସମ୍ପାଦକ ବିନୋଦ ମହାପାତ୍ର, କର୍ମକର୍ତ୍ତା ଭଜରାମ ମହାପାତ୍ର, ଜଗଦୀଶ ମିଶ୍ର, ବିରେନ୍ଦ୍ର କୁମାର ପାଣିଗ୍ରାହୀ, ସରୋଜ ରଞ୍ଜନ ପଟ୍ଟନାୟକ, ସବିତା ମିଶ୍ର, ବିଜୟ କୁମାର ମହାନ୍ତି, ବାବୁଲି ବେହେରା, ଚନ୍ଦ୍ରକାନ୍ତ ସୂତାର, ମଞ୍ଜୁ ରଥ, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରୋଟାରୀ କ୍ଲବ ପକ୍ଷରୁ ମଣ୍ଡୁଆ ଶ୍ମଶାନରେ ନଳକୂପ ଖୋଳାଗଲା

କେନ୍ଦୁଝର (ପିଏନ୍): କେନ୍ଦୁଝର ରୋଟାରୀ କ୍ଲବ ପକ୍ଷରୁ ସଦର ବ୍ଲକ ହଳଦିଆଗୁଣା ସ୍ଥିତ ଏମଏସପି କାରଖାନାର ଆର୍ଥିକ ସହାୟତାରେ ମଣ୍ଡୁଆସ୍ଥିତ ଶ୍ମଶାନରେ ଏକ ନଳକୂପ ଖୋଳାଯାଇଛି । ଶେଷକୃତ୍ୟ ପାଇଁ ଶ୍ମଶାନକୁ ଆସୁଥିବା ଲୋକ ପାଣି ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏମ୍‌ଏସପିର ସିଏସଆର କାର୍ଯ୍ୟକ୍ରମରେ ୧ ଲକ୍ଷ ଟଙ୍କା ଖର୍ଚ୍ଚରେ ରୋଟାରୀ କ୍ଲବ କେନ୍ଦୁଝର ଆନୁକୂଲ୍ୟରେ ନଳକୂପ ଖୋଳାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ରାଜେନ୍ଦ୍ର କୁମାର ପଲେଇ,ରୋଟାରୀଆନ ତଥା ଏମଏସପି କାରଖାନାର ସିଓଓ ଦେବବ୍ରତ ସ୍ୱାଇଁ,ସିନିୟର ଜିଏମ ସଞ୍ଜୟ କୁମାର ସାହୁ,ରୋଟାରିୟାନ ଅମୀୟ କୁମାର ବେହେରା,ରୋଟାରୀଆନ ଡାକ୍ତର ସଞ୍ଜିବ କୁମାର ଓତା ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦୁଝର ଜିଲ୍ଲାରେ ରୋଟାରୀ କ୍ଲବ ଏବଂ ଏମଏସପିର ସେବାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି ।

## ସଜନା ଶାଗ ତୋଳିବା ହେଲା କାଳ, ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଲିଗଲା ଜୀବନ

କେନ୍ଦୁଝର (ପିଏନ୍): ଶାଗ ତୋଳୁ ତୋଳୁ ବିଦ୍ୟୁତ୍ ତାର ଲାଗି ଚାଲିଗଲା ଯୁବକଙ୍କ ଜୀବନ । ମୃତ ଯୁବକ ଜଣକ ହେଲେ ଦାସ ଜୁଆଙ୍ଗ । ଏଭଳି ଅଭାବନୀୟ ଘଟଣା ଘଟିଛି କାଞ୍ଜିପାଣି ଥାନା ସମ୍ମୁଖରେ । କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଟୁଙ୍ଗୁରଡିହି ଗ୍ରାମର ଦାସ ଜୁଆଙ୍ଗ (୨୦) କାଞ୍ଜିପାଣି ଗାଁକୁ କୁଣିଆଁ ଆସିଥିଲେ । ସେ କାଞ୍ଜିପାଣି ଥାନା ନିକଟରେ ଥିବା ଏକ ସଜନା ଗଛକୁ ସଜନା ଶାଗ ତୋଳିବାକୁ ଗଛ ଉପରେ ଚଢିଥିଲେ । ତେବେ ଗଛ ଉପରେ ୩୩ କେଭି ବିଦ୍ୟୁତ୍ ତାର ଥିବା ସେ ଜାଣି ପାରିନଥିଲେ । ଶାଗ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଦାସ ଜୁଆଙ୍ଗଙ୍କ ମୃତ୍ୟୁ ପାଇଁ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତାକୁ ଦାୟୀ କରିଥିଲେ ସ୍ଥାନୀୟ ଲୋକ । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରରେ ଗଛ ଡାଳ ଲାଗିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଡାଳ କାଟିନଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି । ବିଦ୍ୟୁତ୍ ବିଭାଗର ଭୁଲ ପାଇଁ ଦାସ ଜୁଆଙ୍ଗଙ୍କ ଅକାଳରେ ଜୀବନ ଯାଇଛି । ତୁରନ୍ତ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବୀ ହୋଇଛି ।

## ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଉତର ପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ବ୍ୟବସାୟୀ ପ୍ରକାଶ କୁମାର ନାୟକ(୨୮)ଙ୍କ ବିୟୋଗରେ ଶାନ୍ତି୍‌ବଜାର ବନ୍ଦ ରହିଥିଲା । ସ୍ୱର୍ଗତଃ ନାୟକଙ୍କ ଶାନ୍ତିବଜାରରେ ଏକ ଲୁଗା ଦୋକାନ ଅଛି । ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଅକାଳ ମୃତ୍ୟୁ ଘଟିଥିଲା । ଏହି ଖବର ଜଣାପଡ଼ିବା ପରେ ଶାନ୍ତିବଜାର ବଣିକ ସଂଘ ପକ୍ଷରୁ ଏକ ଶୋକସଭା କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାଥନା କରାଯାଇଥିଲା ।

## ଓଏମ୍‌ସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବଳି ପର୍ବତ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୈତାରୀ ଓଏମ୍‌ସିର ଆଂଚଳିକ ଅଧିକାରୀ ଡା. ସୁବ୍ରତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଅଂଚଳର ୩୦୦ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରମ ମଙ୍ଗଳ ଅଧିକାରୀ ଦେବାଶିଷ ସାମଲ, ମାଇନ୍ସ ମ୍ୟାନେଜର ବିକାଶ ଚନ୍ଦ୍ର ପରିଡା, ସିଏସ୍‌ଆର ଅଧିକାରୀ ଚନ୍ଦନ କୁମାର ବାରିକ, ଡା. ସାଗରିକା ଭୂୟାଁ, ଡ. ବିଭୂ ପ୍ରସାଦ ଧଳ, ଡ. ଶିବାନୀ, ଫାର୍ମାସିଷ୍ଟ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ହରିଚନ୍ଦନପୁର ବ୍ଲକରେ ବ୍ଲକ ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ପରିସରରେ ବ୍ଲକ ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରଭୂ କଲ୍ୟାଣ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସୁଶାଂ କୁମାର ବେହେରା ମେଳା ସଂଯୋଜନା କରିଥିଲେ । ବିଭିନ୍ନ ପଂଚାୟତରୁ ପ୍ରାୟ ୨୦୦ଜଣ ଯୁବକ ଯୁବତୀ ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୬ଜଣ ପିଆଏସ୍‌ଓ ଚୁକ୍ତି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଭୁତିଲ ନାଏକ, ସୁନାପେଣ୍ଠ ପଂଚାୟତ ସମିତିସଭ୍ୟା ସୀତା ମୁଣ୍ଡା, ଭଉଁରପୁର ପଂଚାୟତ ସମିତିସଭ୍ୟା ପାଞ୍ଚାଳୀ ଦେହୁରୀ, ତପନ କୁମାର ପ୍ରଧାନ, ବସନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସେବା ଓ ଭାଗବତ ଗାଦି ବଡ଼ଦାଣ୍ଡ ସେବାକାର୍ଯ୍ୟ




କଟକ (ପିଏନ୍): ଓଡ଼ିଶାରେ ଆଧ୍ୟାତ୍ମିକ ଭାବଧାରା ଓ ସେବା କାର୍ଯ୍ୟ ଅନେକଙ୍କ ପାଇଁ କଷ୍ଟକର ଓ ଦାୟିତ୍ୱବୋଧର ଆହ୍ୱାନ । କିନ୍ତୁ ଏହିପରି ଏକ ଘଟଣାକ୍ରମରେ ଆମେ ଦେଖୁଛୁ ଜଣେ ସାଧାରଣ ବୃତ୍ତି କରୁଥିବା ତ୍ରିନାଥ ଓଝା ତାଙ୍କ ସୀମିତ ସମ୍ବଳ ଓ ବାପା ମାଆଙ୍କ ସ୍ମୃତିକୁ ନେଇ ସମାଜ ସେବା ପାଇଁ ବ୍ରତୀ ହୋଇଛନ୍ତି । ସେ ଜଣେ ପଇସାବାଲା ନୁହଁନ୍ତି ସେ କାହାରି ଠାରୁ କୌଣସି ପଇସାଟିଏ ବି ସାହାଯ୍ୟ ନନେଇ ତଥାକଥିତ କଟକ ସହର ବସ୍ତୀ ମୂଳକରେ ଆଦର୍ଶ ସେବା, ଡାକ୍ତରୀ ସେବା ଏବଂ ପ୍ରତି ପୂର୍ଣ୍ଣିମାରେ ଗରିବ ଲୋକମାନଙ୍କ ତାଙ୍କ ଆୟୋଜନରେ ଅନୁଷ୍ଠିତ ହେଉଛି କାର୍ଯ୍ୟକ୍ରମ ଏହା କମ ବଡ଼ କଥା ନୁହେଁ । ଏହା ସହ ପ୍ରତି ମାସରେ ସ୍ୱାସ୍ଥ୍ୟସେବା ଶିବିର, ପଥପ୍ରାନ୍ତ ସେବା, ବୃକ୍ଷ ରୋପଣ ଓ ଅଂଶୁଘାତ ପୂର୍ବରୁ ଜଳଦାନ ମଧ୍ୟ କରନ୍ତି ଯାହାକି ନିଜ ଉଦ୍ୟମରେ । କଟକ ଧବଳେଶ୍ୱର ଗଡ଼ା ବ୍ରଜବିହାରୀପୁରସ୍ଥିତ ଆଜିକି ପାଞ୍ଚବର୍ଷ ହେଲା ପ୍ରତ୍ୟେହ ଭାଗବତ ପାଠ ଓ ସହସ୍ରାଧିକ ଲୋକମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଛି । ସ୍ୱର୍ଗତଃ ନାରାୟଣ ଓଝା ଓ ଚମ୍ପା ଓଝାଙ୍କ ଆଦର୍ଶରେ ଅନୁପ୍ରାଣୀତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ତ୍ରିନାଥ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଷର ପ୍ରତି ପୂର୍ଣ୍ଣିମାରେ ଅସହାୟ, ବୁଢ଼ାବୁଢ଼ୀ ଓ ଛୋଟପିଲାଙ୍କ ପାଇଁ ମହାପ୍ରସାଦ ସେବନ ବ୍ୟବସ୍ଥା ଓ ଆଧ୍ୟାତ୍ମିକ ସେବାକାର୍ଯ୍ୟ ସମ୍ପାଦନ ହେଉଛି । ପ୍ରତିବର୍ଷ ଚାରଟି ପୂର୍ଣ୍ଣିମାରେ ଦୁଇହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ଓ ମାଗଣା ଔଷଧ ପତ୍ର ବଣ୍ଟନ ହୁଏ । କାର୍ଯ୍ୟକ୍ରମକୁ ସମ୍ପାଦକ ଗଜେନ୍ଦ୍ର ନାୟକ, ଲୋଚନ ବାରିକ, ଦୀପକ ବାରିକ, ଟୁଲିଆ ସ୍ୱାଇଁ, ମନୋଜ ସାହୁ, ସନ୍ତୋଷ ମିଶ୍ର, ହେମାରାଣୀ ଓଝା, ଆଲୋକ ଚରଣ ଓଝା, ସୌମ୍ୟରଞ୍ଜନ ପଟ୍ଟନାୟକ, ଶ୍ରୀଧର ରାଉଳ, ଶରତ କୁମାର ପଣ୍ଡା, ସାଗର କୁମାର ମହାରଣା ପ୍ରମୁଖ ପରିଚାଳନା କରିଥାନ୍ତି । ସରକାରଙ୍କ ବିନା ସହାୟତାରେ କିଛି ବଦାନ୍ୟ ବ୍ୟକ୍ତିତ୍ୱଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥାଏ । କାର୍ଯ୍ୟକ୍ରମ ପାଇଁ ଡାକ୍ତର ସମ୍ରାଟ କର, ଡାକ୍ତର ଶୁଭଶ୍ରୀ ମିଶ୍ର ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସହଯୋଗ ରଖୁଥିଲାବେଳେ ପ୍ରତି ମାସରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିନା ଆଲୋଚିତ ଅର୍ଥ ସଂଗ୍ରହ ବା ନାମ ପ୍ରଚାର ଦୂର ଠାରୁ ଏହି ଅନୁଷ୍ଠାନ ଜଣେ ନୀରବ ସାଧକ ଭାବେ ଯାହା କରୁଛନ୍ତି ତାହା ନିଶ୍ଚିନ୍ତ ଭାବେ ଅନୁପ୍ରଣୟ । ଭଗବାନ କରନ୍ତୁ ଆମେ ଏହିପରି ଅନୁଷ୍ଠାନରେ ସମୃଦ୍ଧ ହୋଇ ପରିଣତ ବୟସର ଓ ଛୋଟ ପିଲାଙ୍କ ପାଇଁ ଯେଉଁ ଦାୟିତ୍ୱ ନିଷ୍ଠା କରୁଛୁ ତାହା ସମ୍ଭାବିତ ହେଉ ଏହା ହିଁ କାମନା ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ କୃତି ଛାତ୍ରୀ କଳ୍ପିତା ଜେନାଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ଗତ କିଛି ମାସ ତଳେ ଓଡିଶା ପ୍ରଶାସନିକ ସେବାରେ କୃତୀତ୍ୱ ହାସଲ କରିଥିଲେ ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଛାତ୍ରୀ କଳ୍ପିତା ଜେନା । ସେ ପରୀକ୍ଷାରେ ୭୮ତମ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଥିଲେ । ସୁଶ୍ରୀ କଳ୍ପିତା ଜେନା ଜାରକା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ହୋଇଥିବାରୁ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ନବଘନ ମହାଁ, ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା,ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ସଂପାଦକ ବୈକୁଣ୍ଠନାଥ ସାହୁ, କୋଷାଧ୍ୟକ୍ଷ ଅନିରୁଦ୍ଧ ରାଉତ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତରରେ କଳ୍ପିତା ଶିକ୍ଷାନୁଷ୍ଠାନର ସର୍ବାଙ୍ଗିନ ଉନ୍ନତି ପାଇଁ ସବୁ ଛାତ୍ରଛାତ୍ରୀ ଆଗେଇ ଆସିବାକୁ କହିଥିଲେ । ଶିକ୍ଷକ ନିର୍ମଳ ନାୟକ ଓ ଅକ୍ଷୟ ଶତପଥୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କବି ସଂଗ୍ରାମ ଜେନା ଓ କବିତା ଜେନାଙ୍କ ସମେତ ଶିକ୍ଷାକେନ୍ଦ୍ରର ଗୁରୁଜୀ, ଗୁରୁମା, ଶିକ୍ଷାକର୍ମୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ବେସରକାରୀ ବିଦ୍ୟାଳୟ ଭାବେ ୨୦୨୦-୨୧ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଜିଲ୍ଲାପାଳଙ୍କ ଜରିଆରେ ପାଇଥିବାରୁ ଶିକ୍ଷକ ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଡିସେମ୍ବର ୨୯

# ସନାତନ ଧର୍ମରେ ଯଜ୍ଞ ପରମ୍ପରା



ଅଲେଖ ଚନ୍ଦ୍ର ସାମଲ

ସନାତନ ହିନ୍ଦୁଧର୍ମରେ ଯଜ୍ଞର ପରମ୍ପରା ବହୁ ପ୍ରାଚୀନ କାଳରୁ ଚାଲିଆସୁଛି । ମନୋସ୍କାମନା ପୂରଣ ପାଇଁ କିମ୍ବା କୌଣସି ଖରାପ ଘଟଣାକୁ ଟାଳିବା ଲାଗି ଯଜ୍ଞ କରାଯାଇଥିବାର ଅନେକ ପ୍ରସଙ୍ଗ ପୁରାଣରେ ବର୍ଣ୍ଣିତ । ରାମାୟଣ ଏବଂ ମହାଭାରତରେ ଅନେକ ମହାନ ରାଜାଙ୍କ ବିଷୟରେ ବର୍ଣ୍ଣନା ରହିଛି, ଯେଉଁମାନେ ମହାପ୍ରଭାବଶାଳୀ ଯଜ୍ଞ ସମ୍ପନ୍ନ କରାଇଥିଲେ । ଦେବଗଣଙ୍କୁ ପ୍ରସନ୍ନ କରିବା ଲାଗି ଯଜ୍ଞ କରାଯାଇଥାଏ । ତେବେ ଆସନ୍ତୁ ଜାଣିବା କେତୋଟି ପ୍ରମୁଖ ଯଜ୍ଞ ଏବଂ ତତ୍‌ସହିତ ଜଡ଼ିତ ବିଜ୍ଞାନ ଏବଂ କାରଣ ବିଷୟରେ ।

ପୁତ୍ରେଷ୍ଟି ଯଜ୍ଞ : ଏହି ଯଜ୍ଞ ପୁତ୍ର ପ୍ରାପ୍ତି ନିମନ୍ତେ କରାଯାଇଥାଏ । ମହାରାଜ ଦଶରଥ ଏହି ଯଜ୍ଞ ସମ୍ପନ୍ନ କରାଇଥିଲେ । ଯାହାର ପରିଣାମ ସ୍ୱରୂପ ସେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସମେତ ୪ ପୁତ୍ରଙ୍କ ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ । ଋଷି ଋଷ୍ୟଶୃଙ୍ଗ ଏହି ଯଜ୍ଞ ସମ୍ପନ୍ନ କରାଇଥିଲେ ।

ଅଶ୍ୱମେଧ ଯଜ୍ଞ : ଚକ୍ରବର୍ତ୍ତୀ ସମ୍ରାଟ ହେବା ଲାଗି ଏହି ଯଜ୍ଞର ଆୟୋଜନ କରାଯାଇଥାଏ । ଏହି ଯଜ୍ଞ ଆୟୋଜନ କରୁଥିବା ରାଜା ନିଜର ଏକ ଅଶ୍ୱ ବା ଘୋଡାକୁ ଅନ୍ୟ ରାଜ୍ୟକୁ ପ୍ରେରଣ କରିଥାଏ । ଯଦି ଘୋଡା ସବୁ ରାଜ୍ୟ ବୁଲି ଫେରିଆସେ ତେବେ ସେ ସବୁ ରାଜ୍ୟର ରାଜାଙ୍କୁ ଘୋଡ଼ା ପଠାଇଥିବା ରାଜାଙ୍କ ଶରଣାଗତି ସ୍ୱୀକାର କରିବାକୁ ପଡ଼ିଥାଏ । ଯଦି କୌଣସି ରାଜା ଅଶ୍ୱମେଧ ଯଜ୍ଞର ଘୋଡ଼ାକୁ ଅଟକାଇ ଦିଅନ୍ତି ତେବେ ଘୋଡ଼ା ପଠାଇଥିବା ରାଜାଙ୍କ ସହ ତାଙ୍କର ଯୁଦ୍ଧ ହୋଇଥାଏ । ଏଥିରେ ବିଜୟୀ ହେଲେ ଅଶ୍ୱମେଧ ଯଜ୍ଞ କରୁଥିବା ରାଜା ସମ୍ରାଟ ଘୋଷିତ ହୋଇଥାନ୍ତି । ଶହେଥର ଅଶ୍ୱମେଧ ଯଜ୍ଞ କରୁଥିବା ରାଜା ଇନ୍ଦ୍ରପଦ ପ୍ରାପ୍ତ କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ରହିଛି ।

ରାଜସୂୟ ଯଜ୍ଞ : ନିଜର କିର୍ତ୍ତୀ ଏବଂ ରାଜ୍ୟର ସୀମା ବିସ୍ତାର କରିବା ଲାଗି ରାଜାଙ୍କ ଦ୍ୱାରା ଏହି ଯଜ୍ଞ କରାଯାଇଥାଏ । ଏହି ଯଜ୍ଞ ପରମ୍ପରା ଅଧୀନରେ ଜଣେ ରାଜା ନିଜେ କିମ୍ବା ନିଜର ଅନୁଗାମୀ ମାନଙ୍କୁ ଅନ୍ୟ ରାଜ୍ୟରୁ ଧନ ଆଦି ସଂଗ୍ରହ କରିବା ନିମନ୍ତେ ପଠାଇଥାଏ । ସହଜରେ ବା ମିତ୍ରତାପୂର୍ଣ୍ଣ ଭାବରେ ଧନ ପ୍ରଦାନ କଲେ ଉତ୍ତମ, ନଚେତ୍ ଧନ କିମ୍ବା ଉପହାର ଦେଉନଥିବା ରାଜାଙ୍କ ଉପରେ ଆକ୍ରମଣ କରି ରାଜସୂୟ ଯଜ୍ଞ କରୁଥିବା ରାଜା ବଳପୂର୍ବକ ସମ୍ପତ୍ତି ଅସୁଲ କରିଥାଏ ।

ବିଶ୍ୱଜିତ୍ ଯଜ୍ଞ : ବିଶ୍ୱ ବିଜୟ ଉଦ୍ଦେଶ୍ୟ ନେଇ ବିଶ୍ୱଜିତ୍ ଯଜ୍ଞ କରାଯାଇଥାଏ । ଏହା ସମସ୍ତ କାମନା ପୂରଣ କରିଥାଏ । ଶ୍ରୀରାମଙ୍କ ପୂର୍ବଜ ମହାରାଜ ରଘୁ ଏହି ଯଜ୍ଞ ଆୟୋଜନ କରିଥିଲେ । ବେଦ ଏବଂ ଅନ୍ୟ ଧର୍ମ ଶାସ୍ତ୍ରରେ ଯଜ୍ଞର ମହିମା ବର୍ଣ୍ଣିତ । ଯଜ୍ଞ ଦ୍ୱାରା ଭଗବାନ ପ୍ରସନ୍ନ ହୋଇଥାନ୍ତି । ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ମନୁଷ୍ୟ ସହିତ ଯଜ୍ଞର ରଚନା କରିଥିଲେ ଏବଂ ମନୁଷ୍ୟକୁ କହିଥିଲେ, ଯଜ୍ଞ ଦ୍ୱାରା ତୁମର ପ୍ରତ୍ୟେକ ଇଚ୍ଛା ଏବଂ ଆବଶ୍ୟକତା ପୂରଣ କରିବ । ତୁମେ ଯଜ୍ଞ ଦ୍ୱାରା ଦେବଗଣଙ୍କୁ ଖୁସି କର, ସେମାନେ ତୁମର ଉନ୍ନତି କରିବେ । ଶାସ୍ତ୍ର କୁହେ, ଯଜ୍ଞ ମାଧ୍ୟମରେ ସମସ୍ତ ମନୋସ୍କାମନା ପୂରଣ ହୋଇପାରେ । ଧନପ୍ରାପ୍ତି, କର୍ମର ପ୍ରାୟଶ୍ଚିତ, ଅନିଷ୍ଟ ରୋକିବା, ଦୁର୍ଭାଗ୍ୟକୁ ସୌଭାଗ୍ୟରେ ବଦଳାଇବା, ରୋଗ ନିବାରଣ ନିମନ୍ତେ ଯଜ୍ଞର ବିଧାନ ହୋଇଛି । ଦେବତାଙ୍କୁ ପ୍ରସନ୍ନ କରିବା ସହ ଇଚ୍ଛାନୁଯାୟୀ ବର ଲାଭ କରିବା ଲାଗି ମଧ୍ୟ ଯଜ୍ଞ କରାଯାଏ । ଗାୟତ୍ରୀ ଉପାସନାରେ ମଧ୍ୟର ଯଜ୍ଞର ଆବଶ୍ୟକତା ରହିଛି । ଗାୟତ୍ରୀଙ୍କୁ ମାତା ଏବଂ ଯଜ୍ଞଙ୍କୁ ପିତା ବୋଲି କୁହାଯାଇଛି । ଏହାଙ୍କ ସଂଯୋଗ ଦ୍ୱାରା ମନୁଷ୍ୟର ଆଧାତ୍ମିକ ଜନ୍ମ ହୋଇଥାଏ । ଏହି ଲେଖକ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗର ଜଣେ ପଦସ୍ଥ ଅଫିସର ଭାବେ ନିଷ୍ଠାର ସହ କର୍ତ୍ତବ୍ୟ ସାଧନ ପରେ ନିଜ ଜନ୍ମମାଟି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମରେ ଆଧାତ୍ମିକ ଓ ସମାଜ ସେବା ସହ ନିଜକୁ ନିୟୋଜିତ ରଖିଥିବାବେଳେ ବାରବାଟୀ ଯଜ୍ଞ ଅନୁଷ୍ଠାନ ଗଠିତ ହୋଇ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ସେବା କାର୍ଯ୍ୟକୁ ଏହି ଅନୁଷ୍ଠାନ ପ୍ରେରଣା ଯୋଗାଉଛି ଯାହା ଫଳରେ ପ୍ରତିବର୍ଷ ଯଜ୍ଞାନୁଷ୍ଠାନ ବିପୁଳ ଆନନ୍ଦ ଉଲ୍ଲାସ ସହକାରରେ ଅନୁଷ୍ଠିତ ହେଉଛି । ଆଜି ଶ୍ରୀ ଯଜ୍ଞବରାହଙ୍କ ଜନ୍ମତିଥିରେ ବିଶ୍ୱର କଲ୍ୟାଣ ହେଉ, ସମସ୍ତ ଜନସାଧାରଣଙ୍କର ଉତ୍ତରୋତ୍ତର ମଙ୍ଗଳ ହେଉ ଏହା ହିଁ ପ୍ରାର୍ଥନା ଓ କାମନା ।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର*

# ସ୍ୱାସ୍ଥ୍ୟ ସମ୍ଭାବନାର ୨୦୨୪ ଓ ନୂଆ ଆଶା ସ୍ୱୀକୃତିରେ ଏସସିବି



ନାରାୟଣ ଚନ୍ଦ୍ର ବିଶ୍ୱାଳ

କେବଳ ଓଡ଼ିଶା ପାଇଁ ନୁହେଁ ପୂର୍ବଭାରତର ରାଜ୍ୟ ସମୂହ ପାଇଁ ଓଡ଼ିଶାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ ୨୦୨୪ ପାଇଁ ଅନେକ ଆଶା, ଭରଷା ଓ ସମ୍ଭାବନାର ବର୍ଷ ଥିଲା । ସରକାରୀ ଭାବେ ବିଶ୍ୱସ୍ତରୀୟ ପାଇଁ ଏହି ଡାକ୍ତରଖାନାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିବାବେଳେ ଲିଭର ପ୍ରତିରୋପଣ ହେଉ ବା ପୂର୍ବ ଭାରତର ପ୍ରଥମ ବୋନ ବ୍ୟାଙ୍କ, ଜଟିଳ ଓ ବ୍ୟୟ ବହୁଳ ହୃତପିଣ୍ଡ ପ୍ରତିରୋପଣ ବ୍ୟବସ୍ଥା ଠାରୁ କାଡ଼ାଭରିକ୍ ପ୍ରତିରୋପଣରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ୨୦୨୪ରେ ଉଲ୍ଲେଖନୀୟ ସଫଳତା ଛୁଇଁଛି । ସେହିପରି ଡାକ୍ତରୀ ପାଠପଢ଼ାରେ ଅଙ୍ଗଦାନକୁ ସାମିଲ କରିବା ସହ ହେମାଟୋଲୋଜି ବିଭାଗରେ ପିଏଚଡି ପାଠ୍ୟକ୍ରମ ବିଧିବଦ୍ଧ ଭାବେ ଆରମ୍ଭ ହେବାର ବ୍ୟବସ୍ଥା ମଧ୍ୟ ହୋଇଛି ।

ପାଖାପାଖି ବାରବର୍ଷର ସୁଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟି ଏସସିବିରେ ଲିଭର ପ୍ରତିରୋପଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଓଡ଼ିଶା ସରକାର ଏଆଇଜି ହାଇଦ୍ରାବାଦ ସହ ଏମଓୟୁ କରିବା ପରେ ବିଧିବଦ୍ଧ ଭାବେ ଅପ୍ରେଲ ୩ରେ ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସେହିପରି ଏସସିବିରେ କିଡ଼ନି, ଲିଭର ପରେ ହୃତପିଣ୍ଡ ପ୍ରତିରୋପଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ଓ ଚେନ୍ନାଇସ୍ଥିତ ଏମଜିଏମ ମହାତ୍ମା ଗାନ୍ଧୀ ମେମୋରିଆଲ ହସ୍ପିଟାଲ ସହିତ ଅକ୍ଟୋବର ୨୩ରେ ଏମଓୟୁ ସ୍ୱାକ୍ଷର ହୋଇଛି । ନଭେମ୍ବର ୧୬ରେ କାଡ଼ିଓଥୋରାସିକ ବିଭାଗରେ ଏଥିପାଇଁ ଭିତ୍ତିଭୂମି ଅନୁଧ୍ୟାନ କରାଯିବା ସହ ସିଟିଭିଏସ ଓପିଡ଼ି ଉଦଘାଟନ କରାଯାଇଛି । ଆସନ୍ତା ତିନି ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ହୃତପିଣ୍ଡ ପ୍ରତିରୋପଣ ଆରମ୍ଭ ହେବ ।

ପୂର୍ବଭାରତର ପ୍ରଥମ ବୋନ ବ୍ୟାଙ୍କ ପ୍ରତିଷ୍ଠା କରି ନୂଆ ଇତିହାସ ସୃଷ୍ଟି କରିଛି ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ । ଅସ୍ଥିଶଲ୍ୟ ବିଭାଗରେ ଏହି ନୂତନ ବୋନ ବ୍ୟାଙ୍କକୁ ଅକ୍ଟୋବର୮ରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଦଘାଟନ କରିଥିଲେ । ରାଜ୍ୟ ଚିକିତ୍ସା ବିଜ୍ଞାନରେ ପ୍ରଥମ ଥର ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଓୟୁଏଚଏସ ପକ୍ଷରୁ ଏସସିବି ହେମାଟୋଲୋଜି ବିଭାଗରେ ପିଏଚଡ଼ି ପାଠ୍ୟକ୍ରମ ଯୋଡ଼ାଯାଇଛି । ଏସସିବି ବାୟୋକେମିଷ୍ଟ୍ରି ବିଭାଗକୁ ଓୟୁଏଚଏସ ପକ୍ଷରୁ ରାଜ୍ୟ ଗବେଷଣା କେନ୍ଦ୍ର ମାନ୍ୟତା ଦିଆଯାଇଛି । ଫେବୃଆରୀ ୧୧ ତାରିଖ ରବିବାର ଛୁଟି ଦିନରେ ଏସସିବି କାଡ଼ିଓଥୋରାସିସ ବିଭାଗରେ ଜଣେ ଯୁବକଙ୍କ ହୃତପିଣ୍ଡରୁ ସାଢ଼େ ଚାରି ଇଞ୍ଚର ଛୁଞ୍ଚି କଢ଼ାଯାଇଥିଲା । ଭୁବନେଶ୍ୱର ଭିଏସଏସନଗରର ୩୧ ବର୍ଷୀୟା ନିବାସୀ ଶର୍ମା ଘରେ ଶୋଇଥିବାବେଳେ ତାଙ୍କ ଛାତିରେ ଏକ ଛୁଞ୍ଚି ଫୋଡ଼ି ହୋଇଯାଇଥିଲା । ଛୁଞ୍ଚିଟି ଛାତି ଭିତରେ ହୃତପିଣ୍ଡର ବାମପାର୍ଶ୍ୱ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା ।

ଦୀର୍ଘ ୩୦ ଘଣ୍ଟା କାଳ ଯନ୍ତ୍ରଣାରେ ଛଟପଟ ହେଉଥିବା ମୟୂରଭଞ୍ଜ ଉଦଳା ଅଞ୍ଚଳର ଆଦିବାସୀ ଯୁବକ ସୁବାସ ମାରାଣ୍ଡିଙ୍କୁ ମିଳିଥିଲା ନୂଆ ଜୀବନ । ଏସସିବି ସିଟିଭିଏସ ବିଭାଗର ଡାକ୍ତର ସଫଳତାର ସହ ଅସ୍ତ୍ରୋପଚାର କରି ତାଙ୍କ ପିଠିରେ ପଶିଥିବା ପ୍ରାୟ ୩୦ ଇଞ୍ଚର ଗଛ ଡାଳକୁ ବାହାର କରିଥିଲେ । ଏସସିବିରେ ସମ୍ପର୍କୀୟମାନେ ମନଇଚ୍ଛା ରୋଗୀଙ୍କ ସହିତ ୱାର୍ଡ଼ରେ ରହିପାରିବେନି କି ତାଙ୍କୁ ଭେଟି ପାରିବେନି । ସମସ୍ତ ରୋଗୀ ସଂପର୍କୀୟଙ୍କ ପାଇଁ ହୋଇଛି ପାସ ବ୍ୟବସ୍ଥା । ରୋଗୀଙ୍କୁ ଭେଟିବା ସମୟ ବି ଧାର୍ଯ୍ୟ କରାଯାଇଛି । ଏସସିବିରେ ରୋଗୀ ସହାୟକଙ୍କ ପାଇଁ ସକାଳ ସାଢ଼େ ୭ଟାରୁ ୯ଟା, ଦିନ ଗୋଟାଏରୁ ୨ଟା ଓ ରାତି ସାଢ଼େ ୭ଟାରୁ ୯ଟା ପର୍ଯ୍ୟନ୍ତ ସାକ୍ଷାତ ସମୟ ଧାର୍ଯ୍ୟ କରାଯାଇଛି । ଏସସିବିର ବିଭିନ୍ନ ୱାର୍ଡ଼ରେ କାର୍ଯ୍ୟରତ ରୋଗୀ ଆଟେଣ୍ଡାଣ୍ଟ, ସୁପରଭାଇଜର ଓ କର୍ମଚାରୀଙ୍କ ପାଇଁ ଡ୍ରେସକୋର୍ଡ଼ ଓ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମାର୍ଗଦର୍ଶିକା ଅନୁସାରେ ଏସସିବିରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି । ମାଞ୍ଜା ସୂତାରେ କଟିଯାଇଥିଲା ୭ ବର୍ଷ ବାଳକ ଅବିନାଶର ବେକ । ବେକର ୫୦ ପ୍ରତିଶତ କଟିଯାଇଥିବାବେଳେ ଏସସିବି ହୃଦବକ୍ଷଶଲ୍ୟ ବିଭାଗରେ ସଫଳତାର ସହ ଅସ୍ତ୍ରୋପଚାର ପରେ ବାଲେଶ୍ୱରର ଅବିନାଶ ପାଇଥିଲେ ନୂଆ ଜୀବନ । ସମ୍ପର୍କୀୟମାନେ ଡାକ୍ତରଙ୍କ ସମ୍ପର୍କରେ ସୂଚନା ପାଇବା ପାଇଁ ସର୍ବପ୍ରଥମେ ଏହି ଏସସିବିରେ ପାଖାପାଖି ୧୬ଟି ସ୍ଥାନରେ ଏଲଇଡ଼ି ମନିଟର ପ୍ରଦର୍ଶିତ ହେବାର ବ୍ୟବସ୍ଥା ହୋଇଛି । ସେହିପରି ବଡ଼ଡାକ୍ତରଖାନାର ଆଉ ଏକ ସଫଳତମ ଅଧ୍ୟାୟ ହେଲା ସଫଳ ଏକମୋ ଚିକିତ୍ସା ବ୍ୟବସ୍ଥା । ସେହିପରି ସେପ୍ଟେମ୍ବର ୫ ତାରିଖରେ ଜାତୀୟ ଅଙ୍ଗଦାନ ଦିବସରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଏମବିବିଏସ ପାଠ୍ୟକ୍ରମରେ ଅଙ୍ଗଦାନ ଓ ପ୍ରତିରୋପଣକୁ ସାମିଲ କରାଯାଇଛି । ତେବେ ବର୍ଷର ଶେଷ ଆଡ଼କୁ ବହୁ ଚର୍ଚ୍ଚିତ ଆମ୍ବ ଟାକୁଆ ଘଟଣାରେ ଚିକିତ୍ସା ପାଇବା ପରେ ମାଣ୍ଡିପଙ୍କା ଗାଁର ଟୁନି ମାଝୀ ନୂଆ ଜୀବନ ପାଇପାରିଛନ୍ତି । ତେବେ ମାର୍ଚ୍ଚ ୧ରେ ଅଙ୍ଗଦାନ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିଥିଲେ ଜଗତସିଂହପୁର ଜିଲ୍ଲାର ବୀରେନ୍ଦ୍ର କୁମାର ସ୍ୱାଇଁ । ତାଙ୍କ ଅଙ୍ଗଦାନ ଦ୍ୱାରା ଚାରିଜଣ ନୂଆ ଜୀବନ ପାଇଥିଲେ । ତେବେ ଯାହା ହେଉନା କାହିଁକି ପୂର୍ବଭାରତ ରାଜ୍ୟ ସମୂହର ଓ ଓଡ଼ିଶାର ରୋଗୀ ମାନଙ୍କ ଆଶା ଭରଷାର ନିର୍ଭରଯୋଗ୍ୟ କେନ୍ଦ୍ର ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ ତାର ଗୁରୁତ୍ୱ, ବିଶ୍ୱାସ ଓ ସମ୍ଭାବନାକୁ ବଢ଼ାଇବାରେ ସକ୍ଷମ ହୋଇଛି ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମେଟ୍ରୋ
ପ୍ଲାଜା, କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ

# ନୂଆବର୍ଷର କଥା



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ପୃଥିବୀଟି ପଦାର୍ପଣ କରିବାକୁ ଯାଉଛି ଏକ ନୂଆ ବର୍ଷର ନୂଆ ଭାବନାରେ । କ୍ୟାଲେଣ୍ଡରରୁ ଶେଷ ପୃଷ୍ଠାଟି ସ୍ମୃତିର ମାନଚିତ୍ରରୁ ଲିଭିଯିବ । ସତରେ ପ୍ରତିଥର ଏହି ନୂଆବର୍ଷ, ନୂଆସ୍ପର୍ଶ, ନୂଆ ଭାବନା ଆଉ ଅନେକ କିଛି ନୂଆ କରିବାର ସ୍ୱପ୍ନ ସନ୍ଦେଶ ନେଇ ଆସିଥାଏ ନିଜର ଚିହ୍ନାଜଣା ମଣିଷଙ୍କ ପାଖକୁ । ସମ୍ପ୍ରତି ନୂଆବର୍ଷରେ ସାଧାରଣତଃ ଧୂମପାନ ବା ମଦ୍ୟପାନ କିମ୍ବା ଓଜନ କମାଇବା ଭଳି ଶପଥ ନେଉଛନ୍ତି । ତେବେ ଏହିକଥା ପଛର ଏକ କୌତୁହଳି କାହାଣୀଟି ମନେପଡ଼େ । ଏହି ଦିନରେ ବାବିଲୋନ୍‌ର ପୁରାତନ ଲୋକମାନେ ପଡ଼ିଶା ଘରୁ ଉଧାର ଆଣିଥିବା କୃଷି ଉପକରଣ ଗୁଡ଼ିକୁ ଫେରାଇବାର ଶପଥ ନେଉଥିଲେ । ତେବେ ଦେଖାଯଉଛି ଯେ ବିଶ୍ୱରେ ପାଳିତ ହେଉଥିବା ସବୁ ସାଂସ୍କୃତିକ ଓ ଧାର୍ମିକ ପର୍ବ ବା ଉତ୍ସବ ଭିତରେ ନୂଆବର୍ଷ ସବୁଠାରୁ ଲୋକପ୍ରିୟ । ତେବେ ପ୍ରାୟତଃ ସବୁ ଦେଶରେ ଜାନୁୟାରୀ ମାସର ପ୍ରଥମ ଦିନଟିକୁ ନୂଆବର୍ଷ ଭାବରେ ବେଶ୍ ଧୁମ୍‌ଧାମରେ ପାଳନ କରାଯାଉଛି । ପ୍ରତିଟି ସଭ୍ୟତା ଓ ଧର୍ମ ତଥା ଲୋକବିଶ୍ୱାସର ରିତୀନିତୀ ଅନୁଯାଇ ନିଜସ୍ୱ ବର୍ଷ ଗଣନା ରୀତି ରହିଥିବାରୁ ଅନ୍ୟଦିନରେ ମଧ୍ୟ ନୂଆବର୍ଷ ପାଳନ କରାଯାଏ । ଏହି ପରମ୍ପରାଟି କ୍ରମଶଃ ଲୋପ ପାଇବାକୁ ବସିଥିଲେ ମଧ୍ୟ ଅନେକ ସ୍ଥାନରେ ସଚେତନତା ସୃଷ୍ଟି କରାଯାଉଛି ଯାହାକି ବାସ୍ତବିକ ପ୍ରଂଶସନୀୟ ଓ ଖୁସିର ବିଷୟ ।

ତେବେ ଓଡ଼ିଆ ନୂଆ ବର୍ଷ ବିଷୁବ ସଂକ୍ରାନ୍ତୀ ବା ପଣା ସଂକ୍ରାନ୍ତୀରେ ପଡ଼ିଥାଏ । ୧୯୩୬ ସାଲରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶା ଗଠିତ ହେଲା । ନୂଆବର୍ଷଟି ଆମେ କାହିଁକି ପାଳନ କରିଥାଉ ? ବାସ୍ତବିକ ନୂଆବର୍ଷ ପାଳନର ମୁଖ୍ୟ ଲକ୍ଷ୍ୟ ହେବାକଥା ପୁରୁଣା ବର୍ଷର ଦୁଃଖ ଓ ଲୁହକୁ ପଛରେ ପକାଇ ସ୍ୱପ୍ନ ଦେଖିବା, ଯୋଜନା କରିବା ଏକ ନୂଆ ସମ୍ଭାବନା ପାଇଁ । ଯଦି ଆମେମାନେ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ ନକରିବା ତେବେ ମନେ ହେବ ଯେପରି ନୂଆବର୍ଷ ମାତ୍ର ଗୋଟିଏ ଦିନ ପାଇଁ ହିଁ ଆସିଥିଲା । ତେବେ ଯାହାହେଉନା କାହିଁକି ବେପାର ବଣିଜର ପସରା ଭିତରେ କେକ୍ କଟା, ମେସେଜ୍ ଦିଆନିଆ, ଫାର୍ମ ହାଉସରେ ବିଳମ୍ବିତ ପାର୍ଟି ଆଉ ସକାଳୁ ମନ୍ଦିର ଦେବାଳୟରେ ଭିଡ଼ ଜମାଇଲେ ସତରେ କ'ଣ ନୂଆବର୍ଷର ଯଥାର୍ଥତା ରହିବ । ଦେଖାଯାଉଛି ଦିନକୁ ଦିନ ମଣିଷର ପ୍ରକୃତି ବଦଳୁ ନାହିଁ । ଦିନ କିନ୍ତୁ ବଦୁଳି ଯାଉଛି । ଲୋକଚରିତ୍ର ସମ୍ପ୍ରତି ଘୋର ଅବକ୍ଷୟର ସୁଅରେ । ମଣିଷକୁ ମଦ ଯେ ପିଇବା ସମିଚିନ ନୁହେଁ ଚୋରୀ କରିବା ପାପ, ମାତୃ ସମାଜକୁ ଦୁର୍ବ୍ୟବହାର କରିବା ତ ଦୂରର କଥା ଆଡ଼ଆଖିରେ ଚାହିଁବା ମହାପାତକ । ଏକଥା ଲୋକଚରିତ୍ରକୁ ଜଣାଇବାକୁ ହେଉଛି ତା'ପୁଣି ଆଇନର ଦ୍ୱାହିରେ ଏହାଠାରୁ ଦୁଃଖଦାୟକ ବେଦନାପ୍ରଦ ପ୍ରସଙ୍ଗ ଆଉ ବା କ'ଣ ଥାଇପାରେ ।

ସମ୍ପ୍ରତି ମେଦବୃଦ୍ଧି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । କେବଳ ନିୟମିତ କେତୋଟି ଅଭ୍ୟାସ ଜାରି ରଖିଲେ ଓଜନ ହ୍ରାସ ସମସ୍ୟା ହେବନାହିଁ । ଏହା ଆମ୍ଭେମାନେ ସମସ୍ତେ ଭଲ ଭାବରେ ଜାଣିଛେ । ତଥାପି ଫାଷ୍ଟଫୁଡ଼୍, ନନ୍‌ଭେଜ, ଗରିଷ୍ଠ ଖାଦ୍ୟ, ତେଲଭାଜୀ, ଯାବତୀୟ ଲାଳସାର ଶିକାର ହୋଇ ପେଟ ଭର୍ତ୍ତି କରିବାକୁ ଭୁଲୁନାହୁଁ । ବଜାରର ଦରଦାମ୍ ଯାହା ଭଲ ଭାବରେ ହେଜିଲୁଣୁ ତଥାପି ଘରର ଯାବତୀୟ ଫରମାଇସ୍ ପୂରଣ କରିବା ପାଇଁ କାହା ପାଖରେ ହାତପାତିବାକୁ ପଡୁ ବ୍ୟାଙ୍କ ଲୋନ୍ ବି ହେଉ କିମ୍ବା ଦୋନମ୍ବରୀ ପଇସାର ସାହାରାରେ କିନ୍ତୁ ଯାହାବି ହେଲେ ଜୀବନଶୈଳୀକୁ ବଦଳାଇବାକୁ ପ୍ରଚେଷ୍ଟା ଜାରି ରଖିଛୁ । ଏହାକୁ ଆମ୍ଭେମାନେ କିନ୍ତୁ ଦେହସୁଆ ଭାବରେ ନିଜ ଚିନ୍ତାଚେତନା ଭିତରେ ସ୍ଥାନ ଦେଇସାରିଲୁଣି । ସରକାରୀ ମାଲ ଦରିଆ ମେ ଡାଲ । ଏ ଧାଡ଼ିର ମର୍ମ ବୁଝାଉଛି । ଚାରିଆଡ଼ ଆଖି ପକାଇ ଦେଖୁଛେ କେଉଁଠି ସରକାରୀ, ଗୋଚର, ଅନାବାଦି ବା କୌଣସି ନିରାଶ୍ରୟ ଲୋକର ଜାଗାଟି ପଡ଼ିଛି ତାକୁ ମଠ ମନ୍ଦିର ନାମରେ ହେଉ ବା ଯେ କୌଣସି ବାଟରେ ହେଉ ଯଦି ଆମେ କବ୍‌ଜା କରିପାରିଲେ ତାହେଲେ କଚେପୁଅ ବାର । ସରକାର ଜାଗାକୁ ଜବରଦଖଲ କରି ସମାଜପତିଙ୍କ ପ୍ରିୟପାତ୍ର ହୋଇପାରିଲେ ଜାଗାଟି ଆଉ କେହି ଦଖଲ କରିବା ପାଇଁ ସାହାସ ବି କରିବେ ନାହିଁ । ଆଉ ସରକାର ଯଦି ଜବରଦଖଲ ହଟାଇବା ପାଇଁ ଆଇନର ସାହାଯ୍ୟ ନିଅନ୍ତି ତେବେ ତା'କୁ ହଟାଇବା ପାଇଁ ବି ବୁଦ୍ଧିବାଟର ତରିକା ଆମ୍ଭମାନଙ୍କୁ ବେଶ୍ ଜଣା । ଘରପାଖରେ ନୂଆ ପଡ଼ୋଶୀଟିଏ ମୁଣ୍ଡ ଗୁଞ୍ଜିବାକୁ ପହ ଞ୍ଚୁଛନ୍ତି । ଆମର କିନ୍ତୁ ସେଥିପାଇଁ ସାହାଯ୍ୟ ତ ଦୂରର କଥା ଏପରି ଫୋପଡା ବ୍ୟବହାର ଦବା ପାଇଁ ପଛଉ ନାହିଁ ଯେ ନୂଆଲୋକଟି କ'ଣ ଯେ ଭାବୁଥିବ ତାହାପାଇଁ କ'ଣ ଚିନ୍ତା ରହୁଛି ? ପ୍ରତିବର୍ଷ ଏହି ନୂଆବର୍ଷଟି ଆସୁଛି । ଫୁଲବାଲା ଠାରୁ ଡାଏରୀ ବାଲା, ଫୋନ୍ କାର୍ଡ଼ ବାଲାଙ୍କ ଠାରୁ ମାଛ, ମାଂସବାଲା, ମଦ ଦୋକାନୀ ଠାରୁ ବକ୍ସିସ୍ ନେଲାବାଲା ସମସ୍ତେ ଲାଭବାନ ହୋଇଥାନ୍ତି । ହେଲେ ଆମ୍ଭମାନଙ୍କ ହାତରେ ଯେ କୋଟି କୋଟିର ଅମୂଲ୍ୟ ସମ୍ପଦ ଲାଭ ରହିଛି ତାହାକୁ ଆମେ ସମସ୍ତେ ଭୁଲି ଯାଉଛେ । ଆମ୍ଭେମାନେ କେଭେ ଚିନ୍ତା କରିଛେ ଯେ, ଆମ ଘରେ ଜୀବନ୍ତ ଭଗବାନ ରହିଛନ୍ତି ସେ ହେଉଛନ୍ତି ଆମର ପିତାମାତା । ଆଉ ଲକ୍ଷ୍ମୀତ ସ୍ୱୟଂ ସେଠାରେ ବିରାଜମାନ । କେବେ ଖୁସି ଓ ଆନନ୍ଦ ପାଇବା ପାଇଁ ଆଧାତ୍ମିକ ଚେତନାକୁ ନିଜ ଭିତରେ ଜାଗ୍ରତ କରିବା ପାଇଁ ଚେଷ୍ଟା କରୁନାହୁଁ । ସଦାସର୍ବଦା ପରନିନ୍ଦା, କାହାକୁ ଅସୁବିଧାରେ ପକାଇବାରେ ଚିନ୍ତନ, କୁଭାବନା, ପରଶ୍ରୀକାତରତା ପରି ବଦ୍‌ଭ୍ୟାସକୁ ଦୂରେଇ ରଖୁନାହୁଁ । ବାସ୍ତବିକ ଶାନ୍ତି କ'ଣ ଆମେ ମାନେ ପାଇ ପାରିବା । ତାହେଲେ ନୂଆ ବର୍ଷ କ'ଣ ପାଇଁ ? ଓ କେଉଁ ମାନଙ୍କ ପାଇଁ ? ବାସ୍ତବିକ ନୂଆବର୍ଷାର ଭେଳିକି ନାମରେ ଆମେ ନିଜକୁ ସିନା ଠକୁଛେ କିନ୍ତୁ କେବେ ଭାବନା ରାଜ୍ୟକୁ ବିବେକକୁ ସତରେ କ'ଣ ପ୍ରଶ୍ନ କରିପାରିବା ବାସ୍ତବିକ ଆମ୍ଭେମାନେ ନୂଆ ବର୍ଷ ସହ ନୂଆ ଚେତନା, ନୂଆ ଭାବନା ନେଇ ନିଜକୁ ନୂଆ ରୂପରେ ସଂସ୍କାରିତ କରିବା ପାଇଁ ଦିବ୍ୟପଥର ଅନୁଗାମୀ ହେବାପାଇଁ ବ୍ରତୀ ରଖିବାତ । ସତରେ ମାନବ ଜାତି ଶ୍ରଦ୍ଧା ସମ୍ପନ୍ନ, ସଦ୍‌ଗୁଣର ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ହୃଦୟଙ୍ଗମ କରି ଜୀବନଯାପନ କରିବା ଏକାନ୍ତ ପ୍ରୟୋଜନ ।

*ଶିଖରପୁର ଉପରସାହି, କଟକ*

# ବୋଉ ଏକ ଦୀର୍ଘ କବିତା



ବାଦଲ ଭୂୟାଁ

ବୋଉ ଏକ ଦୀର୍ଘ କବିତା । ବୋଉର କବିତାର ଧାଡ଼ି ସବୁ ଆମେ ସନ୍ତାନ ସନ୍ତତି ଓ ତା ପରିଚିତ ପରିଧିର ଭିନ୍ନ ଭିନ୍ନ ମଣିଷ ସବୁ । ବୋଉର ଅବର୍ତ୍ତମାନରେ ଭାରି ମନେ ପଡ଼େ ବୋଉର ସକଳ ସ୍ମୃତି ସାଉଁଟା କଥା, ବଚନିକା । ଘର ଠୁ ବାହାର ଯୁଆଡ଼େ ଧାଇଁଲେ ଲାଗେ ବୋଉ ଏଇଠି ଅଛି ଏଇ ବାରି ଅଗଣାରେ ଦୂର ଦିଗବଳୟ ଆଡ଼େ, ଧାନ ଗହିରର ଆଖି ପାଉନଥିବା ତାଳବଣ ଆଡ଼େ । ଏବେ ଏବେ ବୋଉ ଚାଲିଗଲା ତା ମାଟି ପିଣ୍ଡରୁ ମୁକ୍ତି ନେଇ । ସ୍ମୃତି ହେବାକୁ ପ୍ରଭୁଙ୍କ ଚରଣାଶ୍ରୀତ ହେବାକୁ । ବୋଉମାନେ ଏମିତି ବୋଧହୁଏ ସବୁବେଳେ ମଣିଷ ମନର ଗଭୀରତମ କନ୍ଦରରେ ଘର କରି ଯୁଗ ଯୁଗକୁ ରହିଯାନ୍ତି । ତାଙ୍କୁ ଚିରକାଳ ମନ ବାଉଳା ବାଚାଳ ହୋଇ ଖୋଜି ଚାଲିଥାଏ । ସେଇଥିପାଇଁ କେହି ଜଣେ କବି କହିଥିଲେ ବୋଉ ପରି କିଏ ହେବ ? ସତରେ ଏ ଦୁନିଆ ସାରାରେ ତା ପରି କିଏ ହେବ । ବିନା ସ୍ୱାର୍ଥରେ ସମର୍ପି ଦେବ ତା ଗୋଟାକ ଜୀବନ । ଆମ ଚାରି ଭାଇ ଭଉଣୀଙ୍କ ପାଇଁ କଣ ନକରିଛି ସେ । ବାପା ମୋର ସ୍କୁଲ ଆଡ଼ମିସନ ପଇସା ଦବା ନିଜେ କରି ନିଜ କାର୍ଯ୍ୟ କ୍ଷେତ୍ରକୁ ଗଲାପରେ ବୋଉ ତାପରର ସବୁ କଥା ବୁଝେ । ହଷ୍ଟେଲ ଜଳଖିଆ, ଦେହର ଭଲ ମନ୍ଦ ଠୁ ଜାବତୀୟ କଥା ବୁଝୁଥିଲା ବୋଉ । ଦୀପ ନିଜେ ଜଳି ଜଳି ନିଶେଷ ହେଲା ପରି ବୋଉ ଜଳୁଥିଲା ଜୀବନ ଯଜ୍ଞରେ ମହାଆନନ୍ଦରେ । ବୋଉର ଶ୍ରାଦ୍ଧକର୍ମ ସମୟରେ ଅନେକ ଲୋକଙ୍କ ସହିତ ଭେଟ ହୋଇଛି । ଯିଏ ଯେମିତି ପାଇଛି ବୋଉକୁ ତା ବାଗରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଲିମାଖୁଡ଼ି, ଟୁଟାଖୁଡ଼ି, ବିଜୁ ନାନୀ, ସବିତା ଖୁଡ଼ୀ, ନଖିଆ ବେହେରା, ଗୁଗୁଲା, ମନସା, ଗଙ୍ଗା, ରମାକାନ୍ତ, ଦେବଦତ୍ତ, ଅକ୍ଷୟ, ରଙ୍ଗା, ସନିଆନା, ବଜାର, ମାମିନା, ମିଟୁ, ତୋଫାନ, ସୁକାନ୍ତ ଦାଦା, ବୁନୁ, କିଶୋର, ବଗ, ଘଣା, ବୁଲୋ ମାନଙ୍କ ପରି ବିଭିନ୍ନ ଲୋକମାନଙ୍କ ସହିତ ଏ ଲେଖକ କତା ଭାଷାରେ ଜାଣିବାକୁ ପାଇଛି । ତା ବୋଉ କେତେ ମରମି, ଉଦାର ମଣିଷଟିଏ । କିଏ ତାଙ୍କ କଥା କହି କହି ଛଳ ଛଳ ହୋଇଯାଇଛି ତି କିଏ କଇଁ କଇଁ ହୋଇ ଉଠିଛି । ସମସ୍ତେ ଯେମିତି ତାକୁ ଲୁହରେ ତର୍ପଣ ଦେଇଛନ୍ତି । ଏହି ତର୍ପଣ ବୋଧେ ଗୋଟେ ମଣିଷର ପରିଚୟର ନିବିଡ଼ ପରିଧି । ମୋ ପିଲାବେଳେ ଆମର ଯୌଥ ପରିବାରକୁ ବୋଉ ଶାଶୁ, ଶ୍ୱଶୁର, କୋଠିଆ, ଚାକର, ହଳ ବଳଦ ଗାଈ ଗୋରୁଙ୍କୁ ନେଇ ପରିବାର ଚଳାଇବା କୌଶଳ ଦେଖିଛି । ନାଁ ତା ମନରେ ଥିବା କୌଣସି ଉଦାସ ବା ନିରସତା ସବୁ କାମକୁ ସେ ସହର୍ଷ କରିବାର ମୁଁ ପିଲାବେଳୁ ଦେଖିଛି । ମୋତେ ଘନର ପ୍ରଭାକର ଗୁରୁଜିଙ୍କ ମାଡ଼ରୁ ବଞ୍ଚିବାର ଉପାୟ ମୁଁ ବୋଉକୁ କହି ତା' ଦୟାରୁ ଅନେକଥର ରକ୍ଷା ପାଇଛି । ସ୍କୁଲ ହଷ୍ଟେଲରେ ମୋ ପାଇଁ ଜଳଖିଆ ପହଞ୍ଚାଇବାର ଇଚ୍ଛାକୁ ଏବେ ବି ସ୍ମରଣ କରି ବିଚଳିତ ହୁଏ । ଆମ ଘରଠୁ ମୋ ସ୍କୁଲ ଦୂରତ୍ୱ ପାଞ୍ଚ କିଲୋମିଟର ଦୂରତା ପାଇଁ ତାକୁ ସେ ଚାଲି ଚାଲି ବା ରିକ୍ସାରେ ଆସି ମୋ ଭଲମନ୍ଦ ବୁଝିଯାଇଛି । ଆମ ସାଇ, ଗାଁରେ କଳିତକରାଳ ହେଲେ, ବାହାପୁଆଣି, ଭଲମନ୍ଦ ହେଲେ ବୋଉ ସମାଧାନର ବାଟ ଖୋଜିବା ମୁଁ ଦେଖିଛି । ଦବାରେ ସିଏ ପାଇଥିଲା ପରମ ଆନନ୍ଦ । କାହାଠୁ କିଛି ନ ନେଇ ସବୁବେଳେ ଦବାର ଆନନ୍ଦରେ ଅହରହ ବିଭୋର ଥିଲା ମୋ ବୋଉ । ଏମିତି ଜଣେ ଭଲ ମରମି ମଣିଷକୁ ହରେଇ ମୁଁ ଦୁଃଖରେ ଜଡ଼ସଡ଼ । ଚାହିଁବି ଏମିତି ସମସ୍ତଙ୍କୁ ବୋଉ, ବୋଉର ଆଶୀର୍ବାଦ ମିଳୁ ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ,*
*୭-ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର,*
*ଦୂରଭାଷ : ୯୨୦୪୬୫୨୦୬୫*

# ସୁପ୍ରିମକୋର୍ଟଙ୍କ ନିର୍ଣ୍ଣାୟକ ନିଷ୍ପତ୍ତିର ୨୦୨୪



ଯୁଧିଷ୍ଠିର ମହାରଣା

୨୦୨୪ଟି ସୁପ୍ରିମକୋର୍ଟର ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟକୁ ନେଇ ମଧ୍ୟ ସ୍ମରଣୀୟ ରହିବ । ସେଥି ମଧ୍ୟରୁ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା । ରାଜନୈତିକ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ସରକାର ପ୍ରଚଳନ କରିଥିବା ଇଲେକ୍ଟୋରାଲ ବଣ୍ଡ ତଥା ନିର୍ବାଚନୀ ବଣ୍ଡ ସ୍କିମକୁ ସୁପ୍ରିମକୋର୍ଟ ଚଳିତ ବର୍ଷ ଅସାମ୍ବିଧାନିକ ଘୋଷଣା କରିଛନ୍ତି । ଚାନ୍ଦା ହାସଲ ପାଇଁ ରହିଥିବା ଏହି ଯୋଜନା ନାଗରିକଙ୍କ ସୂଚନା ଅଧିକାରକୁ ଉଲ୍ଲଂଘନ କରୁଥିବାରୁ ସୁପ୍ରିମକୋର୍ଟ ଏହାକୁ ଅବୈଧ ଘୋଷଣା କରିଥିଲେ । ଶିଶୁ ପର୍ନୋଗ୍ରାଫି ଡାଉନଲୋଡ଼ କରିବା, ଷ୍ଟୋର କରିବା ଏବଂ ଦେଖିବା 'ପୋକ୍ସୋ' ଆଇନ ଅଧୀନରେ ଏକ ଅପରାଧ । ସୁପ୍ରିମକୋର୍ଟ ୨୦୨୪ ସେପ୍ଟେମ୍ବର ୨୩ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଏହା କହିଥିଲେ । ପ୍ରଧାନ ବିଚାରପତି ପଦରୁ ଅବସର ନେବା ପୂର୍ବରୁ ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କ ଚୂଡ଼ାନ୍ତ ରାୟରେ କହିଥିଲେ ଯେ ସମ୍ପତ୍ତି ନଷ୍ଟ ଧମକ ଦେଇ ନାଗରିକଙ୍କ ସ୍ୱରକୁ ଚୁପ୍ କରାଯିବା ଉଚିତ ନୁହଁ । ଆଇନର ଶାସନ ଦ୍ୱାରା ପରିଚାଳିତ ସମାଜରେ ବୁଲଡୋଜର ନ୍ୟାୟ କଦାପି ଗ୍ରହଣୀୟ ନୁହେଁ । ନାଗରିକଙ୍କ ଘରର ସୁରକ୍ଷା ଏକ ମୌଳିକ ଅଧିକାର ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ସେହିପରି ସମ୍ବିଧାନର ମୁଖବନ୍ଧରୁ ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦ ହଟିବନାହିଁ । ସାଂସଦ ହୁଅନ୍ତୁ କିମ୍ବା ବିଧାୟକ ସେମାନଙ୍କୁ ଲାଞ୍ଚ ଗ୍ରହଣ ମାମଲାରେ ସୁରକ୍ଷା ମିଳିପାରିବ ନାହିଁ । ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ମକଦ୍ଦମା ଚାଲିପାରିବ । ଭୋଟ ପାଇଁ ଲାଞ୍ଚ ମାମଲାର ସୁପ୍ରିମକୋର୍ଟ ଚଳିତ ବର୍ଷ ମାର୍ଚ୍ଚ ୪ ତାରିଖରେ ଏଭଳି ଏକ ଐତିହାସିକ ରାୟ ଦେଇଥିଲେ । ନିଟ ପ୍ରଶ୍ନପତ୍ର ଲିକ ଓ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗରେ ନିଟ-ୟୁଜି ପରୀକ୍ଷା ବାତିଲ କରି ପୁଣି ପରୀକ୍ଷା କରିବା ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ । କୋର୍ଟ ପୁଣିଥରେ ନିଟ-ୟୁଜି ପରୀକ୍ଷା ପାଇଁ ମନା କରିଦେଇଥିଲେ । ଖଣି ରୟାଲଟିକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟରେ ଟଣା ଓଟରା ଚାଲିଥିବାବେଳେ ସୁପ୍ରିମକୋର୍ଟ ଏ ସମ୍ପର୍କରେ ଏକ ଐତିହାସିକ ରାୟ ଚଳିତ ବର୍ଷ ଦେଇଥିଲେ । ଜୁଲାଇ ୨୫ ତାରିଖରେ ରାୟ ଦେଇ ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ଖଣିଜ ପଦାର୍ଥ ଉତ୍ପାଦନ ହେଉଥିବା ଜମି ଉପରେ ରାଜ୍ୟ ସରକାର ରୟାଲଟି ବସାଇପାରିବେ । କୋଲକାତା ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସୁରକ୍ଷା ପ୍ରୋଟୋକଲ ନିର୍ଦ୍ଧାରଣ ନିମନ୍ତେ ସୁପ୍ରିମକୋର୍ଟ ଏକ ଜାତୀୟ ଟାସ୍କ ଫୋର୍ସ ଗଠନ କରିଥିଲେ । ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ଅଧିକ ପଛୁଆବର୍ଗଙ୍କୁ କୋଟା ଭିତରେ କୋଟା ପ୍ରଦାନ ପାଇଁ ୬.୧ ଅନୁପାତରେ ବିଭାଜିତ ରାୟ ପ୍ରଦାନ କରିଥିଲେ ସୁପ୍ରିମକୋର୍ଟ । ୨୦୦୨ରେ ଗୁଜୁରାଟ ଦଙ୍ଗା ବେଳେ ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ୧୧ ଜଣ ଦୋଷୀଙ୍କୁ ଗୁଜୁରାଟ ସରକାର ମୁକ୍ତ କରିଦେଇଥିଲେ । ଉତ୍ତମ ଆଚରଣ ଆଧାରରେ ଦୋଷୀ ମାନଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ଗୁଜୁରାଟ ସରକାର ନିଷ୍ପତ୍ତି ନେଇଥିଲେ ଏବଂ ସେମାନଙ୍କୁ ମୁକ୍ତ କରାଯାଇଥିଲା । ତେବେ ଗୁଜୁରାଟ ସରକାରଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ବାତିଲ କରିଦେଇଥିଲେ । ସମସ୍ତ ଦୋଷୀ ପୁଣିଥରେ ଜେଲ ଫେରିବା ପାଇଁ ସୁପ୍ରିମକୋର୍ଟ ଜାନୁଆରୀ ୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ଆଲିଗଡ଼ ମୁସଲିମ ୟୁନିଭରସିଟି ମାମଲାରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ପୂର୍ବ ୧୯୬୭ ମସିହାର ରାୟକୁ ବଦଳାଇବା ସହ ଏହି ଏଏମୟୁର ଷ୍ଟାଟସ ପୁଣିଥରେ ନୀତି ଆଧାରରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଭାରତର ନ୍ୟାୟପାଳିକା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ନ୍ୟାୟପାଳିକା ଏବଂ ଏହା ନାଗରିକମାନଙ୍କ ବିଶ୍ୱାସ ଓ ଭରଷା ରଖିବାରେ ଅତୁଟ ରଖିବାରେ ସମର୍ଥ ହୋଇଛି ।

*ଆଇନଜୀବୀ,*
*ଓଡ଼ିଶା ହାଇକୋର୍ଟ, କଟକ*

# ଭାରତ ବିଶ୍ୱ ରତାୟିନୀ




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମପ୍ରେମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ନବବର୍ଷର ଶୁଭ ଆଶୀଷ ବାଣୀ - ଏହି ଉଷା, ଆମ୍ଭମାନଙ୍କର ନବବର୍ଷର ନବୀନ ଉଷା, ବର୍ତ୍ତମାନ ସୁଦ୍ଧା ତାର ଜାଗରଣ ଆସିଲେ ମଧ୍ୟ ନିଦ୍ରାବିହ୍ୱଳ ଆବିଳ ଆଳସ୍ୟ ଭାଙ୍ଗିନାହିଁ, ପକ୍ଷୀମାନେ ପ୍ରଭାତର ସାମଗାନ ଆରମ୍ଭ କରିନାହାନ୍ତି - ମଧ୍ୟେ ମଧ୍ୟେ ନିବିଡ଼ ନିସ୍ତବ୍ଧତା ଭାଙ୍ଗି ସାମତାନେ କେବଳ ଗୋଟିଏ ଗୋଟିଏ ଗାଇ ଉଠୁଛନ୍ତି ।

ଆଦିତ୍ୟ ତାର ବାଳରଶ୍ମୀ ବିକୀର୍ଣ୍ଣ କରି କୁଣ୍ଢାଇ ଧରିଛି ତାର ମା ଉଷାଦେବୀଙ୍କୁ । ଉର୍ଦ୍ଧ୍ୱମୁଖୀ ହୋଇ ଦେଖ, ପ୍ରତ୍ୟେକଟି ଜ୍ୟୋତିଷ୍କ ଏହି ବାଳରଶ୍ମୀ ଜାଲକୁ ଆଲିଙ୍ଗନ କରୁଛନ୍ତି - ଏହା ଭିତର ଦେଇ ସେମାନଙ୍କର ପ୍ରଶ୍ନହରା ସତ୍ତା ଏକ ବିରାଟ ବିବର୍ଦ୍ଧନ ହୋଇ ସବୁ ନିଜତ୍ୱ ଗୁଡ଼ିକୁ ଦେଇ ଦେଇ ଏହି ଆଦିତ୍ୟକୁ ହିଁ ସାର୍ଥକ କରି କ୍ରମବିବର୍ଦ୍ଧନରେ ବୃହତ୍ତର କରି ତୋଳୁଛି - ସେମାନେ ଏହି ଦୃଷ୍ଟିର ସମ୍ମୁଖରେ ରହି ମଧ୍ୟ ଯେଭଳି ନିଜସ୍ୱହରା, ସତ୍ତାହରା କେଉଁ ଆଲୋକ ଅନ୍ତରାଳେ ହଜିଯାଉଛନ୍ତି - ଯଦିଓ ହଜି ଯାଇନାହାନ୍ତି - ଅଛନ୍ତି ଏହି ପରମ ଆଦିତ୍ୟେ-ଏକତ୍ୱେ ।

ପରମପିତାଙ୍କ ପାଖରେ ପ୍ରାର୍ଥନା - ତୁମ୍ଭେମାନେ ପ୍ରତ୍ୟେକ ଏହି ଜ୍ୟୋତିଷ୍କ ଭଳି ସେହି ପ୍ରକାର ଭଙ୍ଗୀରେ ପରମ ଆଦିତ୍ୟକୁ କୁଣ୍ଢାଇ ଧର, ତୁମ୍ଭମାନଙ୍କର ନିଜତ୍ୱର ସ୍ୱର ପରମପିତାଙ୍କ ଜ୍ୟୋତିର ଲହରରେ ମିଶିଯାଇ ସାର୍ଥକ କରି ଉଠାଓ ସମସ୍ତଙ୍କୁ - ଯେଉଁମାନେ ତୁମର ପାରିପାର୍ଶ୍ୱିକଙ୍କର ଏକାନ୍ତ ହୋଇ ତୁମର ଚେତନାକୁ ଚେତାଇ ତୋଳୁଛନ୍ତି । ମଙ୍ଗଳ ଆଣ, ଆଶୀର୍ବାଦ ଆଣ, ଅମୃତ ଆଣ, ଶାନ୍ତିପାଣି ଛିଟାଇ ଦିଅ, ପ୍ରତ୍ୟେକଙ୍କର ଅନ୍ତର ଅମୃତବାହୀ କରି ଉଠାଓ । ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ, ପୁଣ୍ୟ-ପାପ, ଆଲୋକ-ଅନ୍ଧାର, ଜୀବନ-ମରଣ - ଏହା ନେଇ ହିଁ ବିଶ୍ୱବ୍ୟଷ୍ଟି ଜୀବନ ସତ୍ତା ସମଷ୍ଟିର ସହିତ ଦୋଦୁଲ୍ୟମାନ - ଆଉ ଏହା ଭିତର ଦେଇ ସେମାନଙ୍କର ସାର୍ଥକ-ସମ୍ବର୍ଦ୍ଧନୀ ଉପଭୋଗ । ତେଣୁ ଏହି ଜୀବନ ଦୋଳିରେ ଯେଉଁମାନଙ୍କର ଅଧିଷ୍ଠାତ୍ର-ଦେବତା ବାଞ୍ଛିତ ପୁରୁଷୋତ୍ତମ, ସର୍ବବୃତ୍ତି ପ୍ରବୃତ୍ତିକୁ ଆବୀରଫାଗେ ଅନୁରଞ୍ଜିତ କରି ସେହି ବାଞ୍ଛିତ ନେଇ ହିଁ ଯେଉଁମାନଙ୍କର ଜୀବନକ୍ରିୟା-ସର୍ବତୋଭାବେ ତାଙ୍କୁ ଭରଣ କରିବା ହିଁ ଯେଉଁମାନଙ୍କର ଜୀବନ ଦୋଳଯାତ୍ରା - ଅମୃତର ଆକୁଳ ଚୁମ୍ବନ ଆଗ୍ରହ ମଦିର ଟାଣରେ ସେମାନଙ୍କୁ ଅମରଣଯାତ୍ରୀ କରିବାକୁ କେବେହେଲେ କ୍ଷାନ୍ତ ହୁଏନାହିଁ । ଆମ୍ଭମାନଙ୍କର ସବୁ ପ୍ରବୃତ୍ତି ଓ ପ୍ରାଣଢ଼ଳା ଏହି ଆବୀରାନୁରଞ୍ଜନା ଶ୍ରୀ ପୁରୁଷୋତ୍ତମ, ତୁମ୍ଭମାନଙ୍କୁ ଅମୃତବାହୀ କରିଉଠାନ୍ତୁ । ଚିକଣ ସ୍ରାବଣେ ବୈକୁଣ୍ଠର ସିଂହାସନ - ସ୍ୱେଦନିସ୍ରାବୀ ଅମୃତ ବହନ କରି ମଳୟହିଲ୍ଲୋଳୀ ମା'ଙ୍କର ଚୁମ୍ବନ ପରି ଦରଦରଦୀ ଆଲିଙ୍ଗନେ ଏହି ନବବର୍ଷ ତୁମ୍ଭମାନଙ୍କୁ ଜୀବନ୍ତ କରିତୋଳୁ - ବାକ୍ୟେ, କର୍ମେ ଓ ଜ୍ଞାନେ - ପ୍ରତି ପ୍ରତ୍ୟେକ ପ୍ରତି ପ୍ରତ୍ୟେକଙ୍କର ସ୍ୱାର୍ଥ ହୋଇ ସମବେଦନା ସହିତ ଇଷ୍ଟାନୁଗ ଅଭିଦୀପନାର ଆଶୀଷ ବହନ କରି ତୁମ୍ଭେମାନେ ଅମୃତୋସ୍ୱାରଣଶୀଳ ହୋଇଉଠ । ପରମପିତାଙ୍କ ଶ୍ରୀଚରଣରେ ମୋର ଏହି ଆକୁଳ ଭିକ୍ଷା - ତୁମ୍ଭେମାନେ ଶତ ଶତ ବର୍ଷ ଆୟୁର ଅଧିକାରୀ ହୋଇ ବାଧା-ବିପତ୍ତି-ଦୁଃଖ-ଅଭିଶାପକୁ ବିଦଳିତ କରି ଅମୃତ ବହନେ ଆରୋତର ହୁଅ ।

*ସହ-ପ୍ରତିଋତ୍ୱିକ ଓ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*




# ସ୍ୱାଭିମାନର ଏରୁଣ୍ଡି


ସୁଦର୍ଶନ ମହାପାତ୍ର

ପୁଅ ଶୋଇଥିଲା। କମ୍ପୁଥିଲା ଜ୍ୱରରେ।ଖଇ ଫୁଟିଲା ପରି ତାତି ଭରିଥିଲା ଦେହରେ। ଯେତେ ଯାହା ଔଷଧ ଦେବାରେ ବି କମୁନଥିଲା ତାତି। ଜାନକୀ ପାଣି ପଟି ପକଉଥିଲା ପୁଅ ମୁଣ୍ଡରେ। କିଛି ଔଷଧ ଶିଶି ପରାସ୍ତ ସୈନିକଙ୍କ ପରି ମୁହଁ ତଳକୁ କରି ଠିଆ ହୋଇଥିଲେ। ଛିଣ୍ଡା କନ୍ଥା ପାଖରେ ଅଧାଚିପୁଡା ଫାଳେ ଲେମ୍ବୁ, ଭଙ୍ଗା ବିସ୍କୁଟ ଖଣ୍ଡ, ଦାନ୍ତ ନିକୁଟି ପଡିଥିବା ଫାଳେ ସେଓ ବିନିମୟରେ ଆଉ କେତେ କାଳ ପ୍ରତାରିତ କରି ପାରିଥାନ୍ତା ପିଲାଟାକୁ ?ଆଉ ବା କେତେ ସମୟ ଧରି ସେ ମିଛ ଆଶ୍ୱାସନା ଦେଇ ଚାଲିଥାନ୍ତା ?

ସବୁ ଯୋଗାଡ ଭିତରେ ପୁଅ ପାଇଁ ଏଇ ମୁହୁର୍ତ୍ତରେ ଗୋଟିଏ ଜିନିଷ ଯୋଗାଡି ପାରୁନଥିଲା ଜାନକୀ। ସେ ଥିଲେ ତା' ଭିତରେ ବିପଦକୁ ସାମ୍ନା କରିବାକୁ ଶକ୍ତି ଆଆନ୍ତା। ସେ ହେଉଛି ପୁଅର ଜନ୍ମଦାତା... ବାପା..।

ଯେଉଁ ଦମ୍ପଣରେ ସେ ସେ ମାଧବ ଠୁ ଅଲଗା ରହିବାର ଶପଥ ନେଇଥିଲା, ସେଇ ଶପଥ ଏବେ ତାକୁ ନାଝାଲ କରି ଦେଉଚି। ସେଇ ଦମ୍ପଣ ଏବେ ତା' ପୁଅର କୌଣସି କାମରେ ଆସୁନାହିଁ,ତା' ପୁଅ ମୁହଁରେ ହସ ଟିକିଏ ଖେଳାଇ ପାରୁନାହିଁ। କାଲେ ତା' ସାନିଧ୍ୟ ପୁଅ ପାଇଁ ଏକାନ୍ତ ଅପରିହାର୍ଯ୍ୟ ଏବେ !

ଜାନକୀ ଫେରି ଯାଉଥିଲା ତା ଅତୀତକୁ।

ଦୁଇ ବର୍ଷର ସଂସାର ସେମାନଙ୍କର କେତେ ଖୁସି ମଉଜରେ ଗଡି ଯାଇଥିଲା।ତା ଭିତରେ ପୁଅଟିଏ ବି ସେମାନଙ୍କ ସଂସାରକୁ ଆସିଥିଲା। ହେଲେ ହଠାତ୍ ଖବର ମିଳିଲା ମାଧବ ଆଉ ଗୋଟିଏ ଝିଅକୁ ବାହା ହୋଇ ସାରିଛି। ସ୍ୱର୍ଗ ଯେମିତି ଛିଣ୍ଡି ପଡିଲା ଜାନକୀ ମୁଣ୍ଡରେ।ପର ମୂହୁର୍ତ୍ତରେ ନିଜକୁ ଦମ୍ଭ କଲା ସେ। କେଉଁଠୁ କେଜାଣି ସ୍ୱାଭିମାନ ଆସି ତା ଛାତିରେ ନିଜର ଆଧିପତ୍ୟ ଜାହିର କଲା। ଅବଶ୍ୟ ଅପେକ୍ଷା କଲା ମାଧବ ନେଇଥିବା ପଦକ୍ଷେପର ସତ୍ୟାସତ୍ୟ ଜାଣିବା ପାଇଁ। ସେ ଦିନ ବି ସତକୁ ସତ ଆସିଗଲା। ଦିନେ ରାତି ଅନ୍ଧକାରେ ମାଧବ ତା ନୂଆ ସ୍ତ୍ରୀ କୁ ନେଇ ଘରର ଏରୁଣ୍ଡି ଅତିକ୍ରମ କଲା।ସେଇ ମୁହୂର୍ତ୍ତରେ ମାଧବର ଦୁଇଟି ରୂପ ଜାନକୀ ସାମ୍ନାକୁ ଆସିଲା। ଅନ୍ୟ କାହା ପରି ମାଧବ ନିଶାସକ୍ତ ନୁହେଁ ଏବଂ ପରନାରୀ କୁ ଚାହେଁନା ର ଦାମ୍ଭିକତା ତା'ର ଭାଙ୍ଗିଗଲା। ଦୁଇଟି ଯାକ ଚରିତ୍ରକୁ ଚରିତାର୍ଥ କରି ସାରିଥିଲା ମାଧବ। ଏଥର ଘରର ଏରୁଣ୍ଡି ଡେଇଁବାର ପାଳି ଜାନକୀର। ନିଜ ସ୍ୱାଭିମାନ କୁ ଧରି ରଖିବାକୁ ସଂକଳ୍ପ କଲା। ଘରର ମୁଖ୍ୟ ଦ୍ୱାରର ଏରୁଣ୍ଡି ବନ୍ଧକୁ ଡେଉଁ ଡେଉଁ ଅଟକି ଗଲା ସେ । ଆପେ ଆପେ ଫେରିଆସିଲା ପଛକୁ ପାଦ । ଏରୁଣ୍ଡି ବନ୍ଧକୁ ଚାହିଁଲା । ଏରୁଣ୍ଡି ବନ୍ଧତ ନୁହେଁ ଲକ୍ଷ୍ମଣ ରେଖା । କିଏ ଯେପରି କହୁଥିଲା ଡେଇଁବୁ ତ ? ଡିଏଁ ।ଥରେ ଡେଇଁଗଲେ ଆଉ ଏ ଘର ତୋର ହୋଇ ରହିବ ନାହିଁ । ଆଖିରେ ଆଖିଏ ଲୁହ, ମନରେ ଭରା କୋହ, ଅବସୋସ। ଘର ନା ଇଏ ଜଉଘର । ଯେଉଁ ସ୍ୱପ୍ନ ନେଇ ସେ ବାପ ଘର ଛାଡିଥିଲା ଏବେ ଲାଗୁଛି ଯେପରି ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ସାମ୍ନା କରିବା ଭିତରେ ଆକାଶ ପାତାଳ ତଫାତ। ଯେଉଁ ମାଧବ ପାଇଁ ସେ ସମସ୍ତଙ୍କ କଥାକୁ ହତାଦର କରି ସାତଜନ୍ମର ସାଥୀ ହେବାପାଇଁ ଘର ଛାଡିଥିଲା ଆଜି ସେଇ ଲୋକ ତା'ର ବିଶ୍ୱାସ ଭାଙ୍ଗିଛି, ଭରସା ଭାଙ୍ଗିଛି..! ପୁଅକୁ କୋଳରେ ଧରି ସେଇ ଯେ ଏରୁଣ୍ଡି ଡେଇଁଲା ଆଉ ପଛକୁ ଫେରି ଚାହିଁଲାନି ଜାନକୀ। କାହା ନିକଟରେ ବି ସେ ଗାଉଣା କରି ନଥିଲା ତା ସ୍ୱାମୀର ବିଶ୍ୱାସଘାତକତା ବିଷୟରେ।କାହା ଠୁ ସହାନୁଭୂତି ଆଶା କରିନଥିଲା। କାହାରି ଜିଜ୍ଞାସାକୁ ଏଡାଇ ଯାଇଥିଲା ମୁହଁରେ ହସ ଫୁଟାଇ।ସହର ତଳିରେ ନିଜ ପାଇଁ କୁଡିଆ ଖଣ୍ଡେ ଯୋଗାଡ କରିନେଇଥିଲା।ଲାଗି ଯାଇଥିଲା ତା ଦ୍ୱାରା ସମ୍ଭବ ବାସନ ମଜା, ଘର ଓଳା ଇତ୍ୟାଦି କାମରେ। ଏହା ମଧ୍ୟରେ ବିତି ଯାଇଥିଲା ଗୋଟିଏ ବର୍ଷ। ଯା ଭିତରେ ଦିନେ ମାଧବ ଅବଶ୍ୟ ଆସିଥିଲା ତାକୁ ଖୋଜି ଖୋଜି, ତା'ର ଅପରୂପା ସ୍ତ୍ରୀ ଟି ଆଉ କାହା ସହିତ ଚମ୍ପଟ ମାରିବା ପରେ । ନିଜର ଭୁଲ୍ ବୁଝିଛି ବୋଲି ସ୍ୱୀକାର ପୂର୍ବକ ଜାନକୀ କୁ ଫେରାଇ ନେବାକୁ ଚାହୁଁଥିଲା। ଗୁଣି ଗାରେଡ଼ି ରେ ସେ ସ୍ତ୍ରୀ ଲୋକଟି ତାକୁ ବଶୀଭୂତ କରିଥିଲା ବୋଲି ସଫେଇ ଦେଲା। ଭାଗ୍ୟର ଦୋଷ ଦେଇଥିଲା। କ୍ଷମା ମାଗିଥିଲା। ହେଲେ ପାର୍ବତୀ ତାକୁ ଫେରାଇ ଦେଇଥିଲା କଟୁକଥା କହି।ତା ବିଶ୍ୱାସ ଓ ଭରସା କୁ ଭାଙ୍ଗିଥିବା ଲୋକକୁ ପରତେ ଯାଇନଥିଲା। ହେଲେ ଏବେ ଜ୍ୱର ଭୋଗୁଥିବା ପୁଅ ପାଇଁ ସେ କାହିଁକି କେଜାଣି ନିଜକୁ ଅସହାୟ ମନେ କରୁଥିଲା। ଦେଖିଲା ପୁଅ ପାଟି ଖୋଲି ପୁଣି ବନ୍ଦ କରୁଛି ବାରମ୍ବାର। ପୁଅ ପାଟିରେ ଚାମଚେ ମିଶ୍ରି ପାଣି ଦେଇ ପଚାରିଲା –' କ'ଣ କହୁଚୁ କି ଧନ ? କ'ଣ ଖାଇବୁ କି ?' ପୁଅ ମୁଣ୍ଡ ଗଡେଇଲା ଏପଟ ସେପଟ କରି। ପୁଅର ଆବଶ୍ୟକତାଟିକୁ ବୁଝି ପାରୁନଥିବାରୁ ନିଜକୁ କ୍ଷମା କରିପାରୁନଥିଲା ଜାନକୀ। କ'ଣ ଏବେ ଆଉ କରିପାରିବ ସେ ଔଷଧ ଯାହା ଦେବା କଥା ତ ଦେଇଛି। ଆଉଥରେ ଡାକ୍ତରଙ୍କ ପାଖକୁ ଯିବ,ଏ ରାତି ପାହିଲେ ତ ? ସକାଳ ହେଲେ ତ ଯାହା! ଅନ୍ଧାରରେ ହଜି ଯାଉଥିବା ସାହସକୁ ହେଲେ ଖୋଜି ପାଆନ୍ତା ସକାଳ ଆଲୁଅରେ..! ପୁଅ ଶୋଇଛି କୋଳରେ। ଜାନକୀ କାନ୍ଥକୁ ଆଉଜି ସେଇ ମାତ୍ର ଢୁଳେଇ ପଡ଼ିଛି।ନିଦ ଭାଙ୍ଗିଗଲା ଗୋଟିଏ ଆତୁରିତ 'ବାପା' ଡାକରେ। ସେ ଆଖି ତରାଟି ଚାହିଁଲା। ପୁଅ ଓଠରୁ ପୁଣି ଥରେ ଝଙ୍କୃତ ହେଲା ସେଇ 'ବାପା' ଡାକ।

ଦୀର୍ଘ ବର୍ଷଟିଏ ଭିତରେ ଏଇ ଶବ୍ଦଟି ଆଗେ ଉଚ୍ଚାରଣ କରିନଥିବା ପୁଅ କେମିତି ଓ କାହିଁକି ମନେ ପକଉଛି ଏଇ ମୁହୂର୍ତ୍ତରେ ? ହେଲେ ତା ପୁଅର ସ୍ୱରରେ ଏଇ ଡାକ? ଟି ଭାରି ଭଲଲାଗିଲା ଜାନକୀ କୁ। ଯେମିତି ଚନ୍ଦନ ବୋଳି ହୋଇଯାଉଛି ତା ଦେହରେ, ମନରେ। ଏମିତି ହେଲେ ଡାକନ୍ତା କି ପିଲାଟା ନିରନ୍ତର ଭାବରେ।

ଦାଣ୍ଡରେ ତା' ସାଙ୍ଗ ମାନଙ୍କ ଭିତରୁ କାହାକୁ ଦେଖିଲା କି ତା ବାପା କାନ୍ଧରେ ବସିଥିବାର ! କେଉଁ ପିଲା କହିଦେଲା କି ସେ ଧରିଥିବା ଖେଳନା ଟି ତା ବାପା ଆଣିଥିଲେ ବୋଲି ? ଅବା କିଏ କହିଦେଲା ଯାତ ଦେଖିବାକୁ ତା ବାପା ସାଙ୍ଗରେ ଯିବ ବୋଲି ? ମୋ ପୁଅର ମନ ଭିତରେ ତା ବାପାର ଚେହେରା ଉକୁଟି ଉଠୁଛି କି ?

ଯାହା ତାକୁ ଦିଆଯାଇଛି ବିନା ପ୍ରତିବାଦରେ ଖାଇ ଦେଇଛି, କୌଣସି ଅଇନି ବାହାର କରିନି,ଯାନି ଯାତ୍ରା ଦେଖିବାକୁ, ନୂଆ ଜାମା ପଟା ପିନ୍ଧିବାକୁ,ଖେଳନାଟିଏ ଧରିବାକୁ, ଚକୋଲେଟ ଟିଏ ଖାଇବାକୁ ଜିଦ୍ କରି ମାଗି ନାହିଁ କେବେ। ଏଡ଼ ? ବକଟେ ପିଲା କ'ଣ ବୁଝି ପାରିଛି ବାପା ର ଅବର୍ତ୍ତମାନରେ ? ମାଆକୁ ଏସବୁ କଥାରେ ହଇରାଣ କରନ୍ତିନି ଜମା...!! ଜାନକୀ ଏ ସବୁ କଥା ଭାବି ଭାବି ଅଥୟ ହୋଇ ପଡୁଥିଲା। ପୁଅ ର 'ବାପା' ନାମକ ଅଭାବଟିକୁ ପୁରଣ କରିବାକୁ ଏବେ ସାମର୍ଥ୍ୟ ନାହିଁ ତା'ର ।ତା ଆଖିରେ ଲୁହ ଟଳମଳ କରୁଥିଲା। ରାତି ପାହିବା ପାଇଁ ଆହୁରି ଅନେକ ଡେରି। ଈଶ୍ୱରଙ୍କ ନିକଟରେ ଗୋଟିଏ ମାଆର ସବୁତକ ପ୍ରାର୍ଥନା ଏବେ ନିଷ୍ପ୍ରଭ। ପୁଅ ସେମିତି ବିଛଣାରେ ପଡ଼ିଛି। କିଛି ପରିବର୍ତ୍ତନ ଘଟୁନାହିଁ!

–' ବାପା.....!!'

ଆଉଥରେ ଗୋଟିଏ ଅସ୍ପଷ୍ଟ ଉଚ୍ଚାରଣ ଶୁଭିଲା ପୁଅ ମୁହଁରୁ। ଯେମିତି ଗୋଟିଏ ଜରାଜୀର୍ଣ୍ଣ କୂଅ ଭିତରୁ କିମ୍ବା ଗୋଟିଏ ଭଙ୍ଗା ଦେଉଳ ଭିତରୁ ଆସୁଥିଲା ଶବ୍ଦ ଟି।

–' ହଁ.. ବାପା,ମୋ ଧନ !ଆଉ ଟିକିଏ ରହ। ମୁଁ ଏଇ ବାହାରେ ବସିଛି। ଆଉ ଟିକିଏ ରାତି ପାହୁ। ତତେ ନେଇଯିବି ଡାକ୍ତର ପାଖକୁ। ସେଇଠୁ ନେଇଯିବି ଶନି ମନ୍ଦିରକୁ..। ତୋତେ ଝଡେଇ ଆଣିବି..!' ବାହାରୁ ଆସୁଥିବା କଥା ସବୁ ଶୁଭିଲା ଜାନକୀ କୁ। ପୁଅ ର 'ବାପା' ଡାକ କେମିତି ପ୍ରତିଧ୍ୱନିତ ହେଲା ତା' ବାପା ଛାତିରେ ? ରାତି କେତେ ରୁ ଆସି ବାହାରେ ବସିଛି ଲୋକଟା! ଧଡ଼ କରି କବାଟ ଖୋଲିଗଲା। ଭିତରେ ଜାନକୀ । ବାହାରେ ଅଶ୍ରୁ ସଜଳ ମାଧବ।

– ' ମୋତେ ଲାଗିଲା ପୁଅ ଯେମିତି ମୋତେ ଖୋଜୁଚି। ସେଇଥିପାଇଁ ଧାଇଁ ଆସିଚି। ମୋ ପୁଅକୁ ଖାଲି ଟିକିଏ ଦେଖିବି।'

ମାଧବର ଅନୁନୟ ସ୍ୱର।

–' ବାପା..!' ପୁଅ ଉଠି ବସିବାର ଦେଖିଲା ଜାନକୀ। ବରଫ ପରି ତରଳି ଗଲା ସେ। ନୀରବରେ କଡ଼ ?ଇ ଗଲା ଦୁଆର ମୁହଁରୁ। ମାଧବ ଲକ୍ଷ୍ମଣରେଖା ର ଏରୁଣ୍ଡି ଡେଇଁ ପ୍ରବେଶ କଲା ଘର ଭିତରେ।

–' ଆଉ ଯିବୁନି ତ ଆମକୁ ଛାଡି ?

ପୁଅର ଏଇ କେତୋଟି ଶବ୍ଦରେ ମାଧବ ଲୁହ ଲୁହରେ ଭିଜୁଥିଲା, ଲୁହ ଲୁହରେ ଉତ୍ତର ଦେଉଥିଲା । ପୁଅ ବିଛଣାରୁ ଉଠି ଗୋଟାପଣେ ବାପାକୁ କୁଣ୍ଢେଇ ଧରିଥିଲା। ବାପା ପୁଅର ମିଳନପର୍ବକୁ ତଟସ୍ଥ ହୋଇ ଚାହିଁଥିଲା ଜାନକୀ..!!!

କୁଞ୍ଜବିହାରୀ ଲେନ, କଟକ

# ପୋଷ୍ୟ ପିତାମାତା


ସୁଚରିତା ମହାନ୍ତି

ଗୋଟିଏ ଜିଦ୍ ନା ବାହା ହେବିନି।
ମୋତେ ଆଉ କିଏ ଝିଅ ଦେବ ।
କାହାକୁ କହିବି ମୋ ବାହାଘର କଥା,କିଏ ବୁଝିବାକୁ ଅଛି।
ମୋର କ'ଣ ବାହାହେବାକୁ ଆଉ ବୟସ ଅଛି।
ବାପା ମା' କଉଁ ଅଛନ୍ତି ଯେ ମୋ ପାଇଁ ବୋହୂ ଖୋଜିବେ ।
ଚୁପ୍ ହେଇଗଲି କିଛି ସମୟ ।
ପ୍ରମୋଦ ର କଥା ଗୁଡିକ ମୋତେ କେମିତି କେମିତି ଲାଗିଲା ।ତା' କଥା ରେ ବିଷାଦ ଭରି ରହିଥିବା ଭଳି ମନେ ହେଉଥିଲା।
ପଚାରିଲି, ଏମିତି କ'ଣ କହୁଛ । ବାପା ମା' ନାହାନ୍ତି ! ତା'ହେଲେ ତମେ ଯେଉଁ ମାନଙ୍କୁ ପାଖରେ ରଖିଛ ସେମାନେ ସମସ୍ତେ କିଏ।
ପ୍ରମୋଦ ଟିକେ ହସିଦେଇ କହିଲା, ମୁଁ ସେମାନଙ୍କୁ ରଖି ନାହିଁ ବରଂଚ୍ ସେମାନେ ମୋତେ ତାଙ୍କ ପାଖରେ ରଖିଛନ୍ତି।
ହଁ ସେମାନେ ମୋ ବାପା ମା' କିନ୍ତୁ ନିଜର ନୁହନ୍ତି।
ମୁଁ ଜନ୍ମରୁ ଅଭାଗା ଟିଏ ।ଜନ୍ମ ହେବା ପରେ ପରେ ମୋ ବାପା ମା' ଗୋଟିଏ ବର୍ଷ ଭିତରେ ଆରପାରିକୁ ଚାଲିଗଲେ। ତାଙ୍କର କ'ଣ ହୋଇଥିଲା କେମିତି ମଲେ ମୋତେ ଏ ଯାଏଁ କିଛି ହେଲେ ଜଣାନାହିଁ।
ମୋ ମାଉସୀ ଏଇ ପାଳିତ ବାପା ମା' ନିଃସନ୍ତାନ ଥିବା ଜାଣି ତାଙ୍କ ହାତକୁ ମୋତେ ସଁପି ଦେଇଥିଲେ।
ମୁଁ ତାଙ୍କ ପାଖରେ ରହି ବହୁ କଷ୍ଟରେ ବଡ଼ ହୋଇଛି। ମୋର ଆଉ କିଏ ସମ୍ପର୍କୀୟ ଥିଲେ କି ନାହିଁ ସେକଥା ବି ଜଣାନାହିଁ।
ମୋତେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ପରେ ତାଙ୍କର ତିନୋଟି କନ୍ୟା ସନ୍ତାନ ଜନ୍ମ ହେଲେ
ମୁଁ କେବଳ ପୋଷ୍ୟ ସନ୍ତାନ ହୋଇ ରହିଗଲି। ସ୍ନେହ ଆଦର ରୁ ବଞ୍ଚିତ ହୋଇ ମୁଠାଏ ଖାଇ ଖଣ୍ଡିଏ ପିନ୍ଧି ମେଟ୍ରିକ୍ ପାସ୍ କରିଛି। ସମସ୍ତଙ୍କ କଥା ବୁଝି ଯେତିକି ସମୟ ପାଏ ପାଠ ପଢେ। ଘର ଝାଡୁ ମାରିବା ,ରୋଷେଇ କରିବା ଠାରୁ ଆରମ୍ଭ କରି କେତେ କାମ କରିବା କୁ ପଡ଼ ? ।କାହାକୁ ମନର କଥା କହିବି , ଆପଣାର ଦୁଃଖ କିଏ କାହିଁକି ବୁଝିବ। ମେଟ୍ରିକ୍ ପାସ୍ ପରେ ବାପା ମା' ରୋକ୍ ଠୋକ୍ ମନା କରିଦେଲେ ପାଠ ପଢ଼ିବା ପାଇଁ।
କିନ୍ତୁ ମୁଁ ଟ୍ୟୁସନ୍ କରି ଦୋକାନରେ କାମ କରି ପାଠ ପଢ଼ିଲି ।ପାଠ ପଢ଼ିବାର ଅଦମ୍ୟ ଇଚ୍ଛା କୁ କେବେ ମାରିଦେଇ ନାହିଁ। ସବୁ ଘାତ ପ୍ରତିଘାତ ମଧ୍ୟରେ ରହି ବହୁ କଥା ଶୁଣି କେବେ ଭାଙ୍ଗି ପଡ଼ିନି।
ହଁ କେବେ କେବେ ନିରୋଳା ରେ ଏକୁଟିଆ ବସି ଅନେକ ଥର ଲୁହ ଗଡ଼ ?ଇଛି ।ପୁଣି ନିଜେ ନିଜକୁ ବୁଝେଇଛି।ଏମିତି ପାଠ ପଢ଼ା ସରିବା ପରେ ଭଲ ଚାକିରିଟିଏ ପାଇଗଲି । ତିନି ଭଉଣୀଙ୍କର ବାହାଘର ର ଦାୟିତ୍ୱ ମୋ ଉପରେ ଥାଏ। ବାପା ମା' ସଫା ସଫା କହିଦେଲେ,ତୁ ତୋ ପଇସା ରେ ତିନି ଭଉଣୀଙ୍କର ବାହାଘର କଥା ବୁଝିବୁ।
ମୁଁ ନିରୂପାୟ ଥିଲି।
କାହିଁକି ନା ମୋ ନିଜ ବାପା ମା' ନଥିବାରୁ ସେମାନେ ମୋତେ ବଞ୍ଚ ?ଇ ରଖିଛନ୍ତି।
ଜଣଂକ ପରେ ଜଣେ ତିନି ଜଣଂକୁ ବିବାହ କରେଇ ସାରିବା ପରେ ମୋ ପାଖରେ ସେମିତି ସମ୍ବଳ ନଥିଲା ନିଜ ପାଇଁ।
ମୁଁ ଯେଉଁ ସମ୍ପର୍କ ଭିତରେ ବାନ୍ଧି ହୋଇରହିଛି ସେ ସମ୍ପର୍କର କିଛି ମାନେ ହିଁ ନଥିଲା।
ସେ ଘରେ ନିଜର ପରିଚୟ ଅନେକ ବାର ଖୋଜିଛି ହେଲେ କେବେ ପାଇପାରିନି।
ପୁଅ ନା ଭାଇ ହିସାବରେ ଅଛି ନିଜେ ବୁଝିବାକୁ ଅସମର୍ଥ ଥିଲି ।
ବିବାହ ପରେ ଯିଏ ଯାହାର ସୁଖରେ ଘର ସଂସାର କଲେ।ଆଉ ବାପା ମା' ଙ୍କୁ କେହି ଆଡ଼ ଆଖିରେ ଅନାଇଲେ ନାହିଁ।
ବାପା ଙ୍କ ଅବସର କାଳୀନ ଯେଉଁ ଅର୍ଥ ଆସେ ସେ ତାଙ୍କ ଇଛା ଅନୁସାରେ ଯେତେବେଳେ ଯେଉଁ ଝିଅ ଙ୍କୁ ଦେବା କଥା ଦିଅନ୍ତି ଓ ନିଜେ ରଖନ୍ତି। କେବେ ପୁଅ ବୋଲି ପାଞ୍ଚ ଟଙ୍କା ଦେଇନାହାନ୍ତି।
ଧିରେ ଧିରେ ବାପା ମା' ଙ୍କର ବୟସ ହେଲା ବେଳକୁ ସେମାନେ ଆଉ ତାଙ୍କ ନିଜ କଥା ବୁଝିବାକୁ ଅସମର୍ଥ ପ୍ରକାଶ କରୁଥାନ୍ତି।
ଝିଅ ମାନେ କେହି ପାଖରେ ରହିବା ସମ୍ଭବ ହୋଇପାରିନାହିଁ।
ଅଫିସ କାମ ଏବଂ ଘର କାମ ସବୁ ଏକୁଟିଆ କରିବା କୁ ପଡୁଥାଏ।
ପାଳିତ ସନ୍ତାନ ବୋଲି ମୋତେ ବାପା ମା' ଭଲ ପାଉନଥିଲେ ସତ ତା'ବୋଲି କ'ଣ ମୁଁ ତାଙ୍କ ର ବାର୍ଦ୍ଧକ୍ୟ ସମୟରେ ତାଙ୍କ ଠାରୁ ଦୂରେଇ ଯିବି।
ଯେତେବେଳେ ମୁଁ ମୋ ଜନ୍ମିତ ବାପା ମା' ଙ୍କୁ ହରେଇ ଥିଲି, ସେତେବେଳେ ଏମାନେ ମୋତେ ପୋଷ୍ୟ ସନ୍ତାନ ଭାବେ ତାଙ୍କ ପାଖରେ ରଖି ଦୁନିଆରେ ଆଲୋକ ଦେଖାଇଛନ୍ତି। ମୁଁ ବା କେମିତି ତାଙ୍କୁ ଏକୁଟିଆ ଛାଡ଼ିଦେବି।
ସେମାନଙ୍କ ମୁହଁରେ ଗଣ୍ଡେ ଦାନା ଦେଇପାରିଲେ ନିଜକୁ ଧନ୍ୟ ମଣିବି ।
ମୁଁ କେବଳ ମୋ କର୍ତ୍ତବ୍ୟ କରିବି ।
ସୁଖ କ'ଣ ଏଯାଏଁ ଜାଣିନି।
ଅଫିସର୍ ଭାବରେ ନାମ କମେଇଛି।
ଆରାମରେ ରହିବାକୁ ଗୋଟିଏ ଫ୍ଲାଟ୍ କିଣିଛି।
ବୁଲିବା ପାଇଁ ଗୋଟିଏ ଲକ୍ଜୁରିଅସ୍ ଗାଡ଼ି କିଣିଛି।
ବହୁତ ଅର୍ଥ ସଞ୍ଚୟ କରିଛି କିନ୍ତୁ ଏସବୁ ଉପଭୋଗ କରିବାକୁ ମୋ ପାଖରେ ନିଜର ଲୋକ ନାହାଂତି।
ଘରକୁ ପଶି ଆସିଲେ କେହି ଭଲମନ୍ଦ ପଚାରିବାକୁ ନାହାନ୍ତି କିବା ପାଣି ଗିଲାସେ ଜାଚିବାକୁ କେହି ନାହାଂତି।
ଲାଗେ ଯେମିତି ମୋ ପାଇଁ ନିରାଶାର ବେଳାଭୂମି ବେଶ୍ ଚଉଡ଼ା।
ସେଠି କେବଳ ଧୂଳି ଧୂସରିତ ଅବସ୍ଥାରେ ପଡ଼ିରହିବାକୁ ପଡ଼ ?।ମୁଁ ପୋଷ୍ୟ ସନ୍ତାନ ହେଇ ପାରିଛି କି ନାହିଁ ଜଣାନାହିଁ କିନ୍ତୁ ସେ ଦୁହେଁ ମୋ ପାଇଁ ଏବେ ପୋଷ୍ୟ ପିତାମାତା ।

ବାରିପଦା,ମୟୂରଭଞ୍ଜ
୮୯୧୭୫୬୭୧୨୦୧

## ଆସ ହେ ନୂଆ ବରଷ

ରତ୍ନକାନ୍ତି ମିଶ୍ର



ସକାଳ ସୂରୁଜ ବୁଣଇ ମୁରୁଜ
ଝରିପଡେ ମୋତି ହୀରା
ନବ ଉନ୍ମାଦନା ଜାଗିଛି ପରାଣେ
ହସେ ଆଜି ବସୁନ୍ଧରା,
ନବ ଉନ୍ମାଦନା ନେଇ
ନୂଆ ବରଷଟେ ଅଧିର ଆବେଗେ
ମରତେ ଆସିଛି ଧାଇଁ ॥
ଖୁସି ସତେ ଆଜି ହୋଇଅଛି ବ୍ୟାପ୍ତ
ଭୂମି ଠାରୁ ଭୂମା ଯାଏଁ
ବିଷାଦେ ବ୍ୟଥିତ ହୃଦତନ୍ତ୍ରୀ ଆଜି
ମଙ୍ଗଳ ସଙ୍ଗୀତ ଗାଏ,
ନବ ପୁଲକିତ ପ୍ରାଣ
ଅରାତି ବିହୀନ ହୋଇବ ମାଟି ମାଆ
ଉଡିବ ଜୟ କେତନ ॥
ସ୍ନେହ ଶ୍ରଦ୍ଧା ପ୍ରୀତି ଦୟା କ୍ଷମା ଶାନ୍ତି
ବିଚ୍ଛୁରିତ ଏବେ ହେବ
ଅତୀତର ଯେତେ ରାଗ ଅଭିମାନ
ହୃଦୟରୁ ଲିଭିଯିବ ,
ଆନନ୍ଦ ଉଲ୍ଲାସ ମନେ
ଭାଇଚାରା ଭାବ ଜାଗରିତ ହେବ
ସମନ୍ୱିତ ସମ୍ମହନେ ॥
ପୃଥିବୀ ପୃଷ୍ଠକୁ ଆସ ନବବର୍ଷ
ପ୍ରେମର ପସରା ନେଇ
ଚଲାପଥ ଆମ କୁସୁମିତ ହେଉ
ନିଷ୍କଳଙ୍କ ହେଉ ମହୀ,
ପାପ ରାଶି ହେଉ କ୍ଷୟ
ଅଧର୍ମ ଅନୀତି ଦୂର ହେଉ ଏବେ
ଧର୍ମ ର ହେଉ ଜୟ ॥
ସାମ୍ୟ ମୁକ୍ତି ମୈତ୍ରୀ ସମୃଦ୍ଧିର ମନ୍ତ୍ର ?
ଜଗତ କଲ୍ୟାଣ ହେଉ
ସତ୍ୟ ଶାନ୍ତି ପ୍ରେମ ଭକ୍ତିର ଭାବନା
ପ୍ରତି ହୃଦେ ଭରିଯାଉ,
ସବୁ ଓଠେ ଫୁଟୁ ହସ
ସୁପ୍ତ ଚେତନାକୁ ଜାଗରିତ କରି
ଆସ ହେ ନୂଆ ବରଷ ॥

ଆଳି, କେନ୍ଦ୍ରାପଡା

## ନୂଆ ବର୍ଷ

ନିବେଦିତା ମିଶ୍ରଗୁରୁ



ପବନ ଝଲକରେ
ମେଘ ଧୀରେ ହଟି ଗଲା ପରି
ହଟି ଯାଉଚି ଜୀବନରୁ
ଆଉ ଏକ ବର୍ଷ
ଲେଖି ହେଇ ଯାଉଚି
ମନର ଡାଏରୀରେ
କେତେ ଅଙ୍ଗେ ନିଭା କଥା
ହସର ଆଉ କିଛି ଲୁହର ବି
ପ୍ରତି ଥର ପରି
କିଛି ପର ପାଲଟିବେ
ଆପଣାରଠୁ ବି ଅଧିକ ଆପଣାର
ଡେଣା ଝାଡି ଉଡ଼ି ଯିବେ ନୀଡରୁ
କିଛି ପକ୍ଷୀ ଯୋଜନ ଦୂରକୁ
ଭରି ଦେଇ ମନ
ଅସୀମ ଦୁଃଖରେ
ବଗିଚାରେ ମୋର ଫୁଟିଅଛି
କିଛି ସ୍ୱପ୍ନ ଫୁଲ
କିଛି ସ୍ୱପ୍ନ ଯାଇଅଛି ଭାଙ୍ଗି
ତୀକ୍ଷ୍ଣ କାଚ ଖଣ୍ଡ ପରି
ଗଭୀର କ୍ଷତ କିଛି ଦେଇ
ସବୁଦିନ ଲାଗି
ଆସିବ ନୂଆ ବର୍ଷ
ନୂଆ ସୂର୍ଯ୍ୟ ସହ
ଆଣିବ ପୁଣି କିଛି
ନୂଆ ସ୍ୱପ୍ନର ଫସଲ
ଆସିବେ କେତେ ନୂଆ ମୁହଁ
ପୁଣି କିଛି ନୂତନ ସମ୍ପର୍କ
ଗଢି ହବ ପୁଣି କିଛି ନୂତନ କାହାଣୀ
ଅଙ୍ଗେ ନିଭା ସୁଖର ଅବା ଦୁଃଖର
କିଏ ବା ପାରିବ କହି
ଅଜଣା ଅତିଥି
ସେ ନୂଆ ବର୍ଷ
କଣ ଭରିଦେବ ଅଞ୍ଜୁଳିରେ ମୋର
କେମିତି ଗଢ଼ିବ ସେ
ମୋ ନୂଆ କାହାଣୀ।

ମାଲାଡ ୱେଷ୍ଟ , ମୁମ୍ବାଇ

## ଆସେ ନୂଆବର୍ଷ

ଆଦ୍ୟାଶା ମହାପାତ୍ର




ପୁରୁଣା ବର୍ଷର ଆଖି ଛଳଛଳ
ସରିଲା ତା' ବେଳ କାଳ
ନୂଆବର୍ଷ ଆସେ ପାଦ ଚିପିଚିପି
ଖୁସିରେ ସଭିଏଁ ଭୋଳ ॥
ବହଳ କୁହୁଡି ଆଡେଇ ଆଡେଇ
ସୂରୁଯ ମୁରୁଜ ବୁଣେ
ସୁନାର ସକାଳ ସବୁରି ହୃଦୟେ
ଗୀତ ଗାଏ ଗୁଣୁଗୁଣେ ॥
ଘାସଫୁଲ ଓଠେ ଶିଶିର ମୁକୁତା
ହସଇ ସୋରିଷ କ୍ଷେତ
ପୀତ ବସ୍ତ୍ର ପିନ୍ଧି ନୂଆ ବରଷକୁ
କରିବ ସେ ସୁ ସ୍ୱାଗତ ॥
ଶୀତଳ ପବନ ବହି ମୃଦୁ ମୃଦୁ
କହେ ଆସେ ନୂଆବର୍ଷ
ପ୍ରଜାପତି ବୁଲେ ହରଷ ମନରେ
ଦେଖି ଫୁଲଙ୍କର ବେଶ ॥
କିଚିରିମିଚିରି ପକ୍ଷୀ କାକଳିରେ
ଶୁଭେ ସ୍ୱାଗତିକା ଗୀତ
ଫୁଲଙ୍କ ସହରେ ଭାରି କୋଳାହଳ
ଆସୁଛି ଯେ ନୂଆ ମିତ ॥
ଖୁସି ଖୁସି ଭାବ ଖେଳୁଅଛି ଏବେ
ଗାଆଁରୁ ସହର ଯାଏ
ଅଭିନନ୍ଦନର ଭାବାବେଗ ବାର୍ତ୍ତା
ହୃଦୟକୁ ଛୁଇଁ ଯାଏ ॥
ବରଷକେ ଥରେ ଆସେ ନବବର୍ଷ
ନବ ଉନ୍ମାଦନା ନେଇ
ମଣିଷ ମନରେ ପ୍ରକୃତିର ପ୍ରାଣେ
ଆନନ୍ଦ ଦେବାକୁ ଛାଇ ॥

ନୂଆପଡା, କଟକ

## ସମୟର ସ୍ୱର୍ଶ

ସୁଧାକର ରାଉତ



ସମୟରେ !
ତୁ ମୋ ଜୀବନରେ
ହାଡ଼ଭଙ୍ଗା ଶୀତରେ
କରି ଅଦିନିଆ ବର୍ଷା
ଉଜାଡି ଦେଲୁ ମୋ ସପନ ।
ଆଉ ବଞ୍ଚିବି କେଉଁ ଆଶା ନେଇ
ତଥାପି କାହିଁକି ତୁ ପ୍ରବର୍ତ୍ତାଉ
ଖାଲି କଣ ଯୁଝିବା ପାଇଁ
ପ୍ରତିକୂଳ ପରିସ୍ଥିତି ସହ ।
ସିଝିବା ପାଇଁ ଡ଼ହ ଡ଼ହ ଖରାରେ ।
ମେଲାଣି ଦିନରେ ବା
ଆଡମ୍ବର ସହକାରେ ଆଗମନରେ ।
ତୁ କେବେ ଚେଷ୍ଟା କରିଛୁ କି
ଆମକୁ ବଞ୍ଚେଇ ବାକୁ
ହା-ହତୋସ୍ମିର ଅପବାଦରୁ ।
ତୁ ତ ଶିଖାଇଥିଲୁ
ପିଇବାକୁ ଅନେକ ବିଷ
କାଁ ଭାଁ ଟିକିଏ ହସ ।
ଏବେ ତ ମୁଁ ଲହଡ଼ି ଗଣୁଛି
ଏହି ମୁହ୍ୟମାନ ବର୍ତ୍ତମାନ ରେ
ଭବିଷ୍ୟତର ସୁନ୍ଦର ଚିତ୍ର ଆଙ୍କି ।
ଦୁର୍ଦ୍ଧର୍ଷ ଉତ୍ସାହ ଉଦ୍ଦୀପନା ରେ
ଜ୍ୟାମିତିର ଏକ ନୂତନ ଉପାପାଦ୍ୟ
ସୃଷ୍ଟି ନେଇ
ପହିଲି ଉଷାର ଶିଶିର ପଖଳା ଘାସରେ
ମନର ଅୟୁତ ଅକୁହା କାହାଣୀକୁ
ଲେଖିଦିବି ତୋ ଆୟୁଷ ପୂର୍ଣ୍ଣ ହେବା ଯାଏ।
ସେଇଥିରେ ବୋଧେ
ଉକୁଟିବ ତୋ ବର୍ଣ୍ଣବିଭା ।

ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## ପୁସ୍ତକ ସମୀକ୍ଷା



ପ୍ରଫେସର ବସନ୍ତ କୁମାର ପଣ୍ଡା

*ଅଦୂର ଭବିଷ୍ୟତରେ ଅନେକ ଆତ୍ମଜୀବନୀ ଲେଖକ ଆମର ଏଇ ପବିତ୍ର ଜନ୍ମଭୂମିରେ ବିଚରଣ କରିବେ, ଏହା ମୋର ଧ୍ରୁବ ବିଶ୍ୱାସ। ମୁଁ ସେମାନଂକ ପାଇଁ ମୂଳଦୁଆ ମାତ୍ର ପ୍ରସ୍ତୁତ କରୁଛି '*

ନିଜ ଆତ୍ମକାହାଣୀର ଆରମ୍ଭରେ ସରସ୍ୱତୀ ଫକୀରମୋହନ ଏପରି ଯେଉଁ ଭବିଷ୍ୟବାଣୀ କରିଥିଲେ, ତାହା ସତ୍ୟ ପ୍ରମାଣିତ ହୋଇଛି। କେବଳ ସାହିତ୍ୟ ନୁହେଁ, ସମାଜ ଜୀବନର ବହୁବିଧ କ୍ଷେତ୍ରରେ ଅଧିଷ୍ଠିତ କୃତବିଦ୍ୟ ବ୍ୟକ୍ତିଗଣ ନିଜନିଜ ଜୀବନର ଅବିସ୍ମରଣୀୟ କଥା ଲେଖି ଆତ୍ମଜୀବନୀ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଏଥିରେ ଏକ ଅଭିନନ୍ଦନୀୟ ସଂଯୋଜନ ହେଉଛି ମାନସ ରଂଜନ ମହାପାତ୍ରଂକ ବକ୍ଷମାଣ ଜୀବନ କାହାଣୀ। ମାନସ ମୋର ଅନୁଜ ପ୍ରତିମ। ଛାତ୍ର ଜୀବନରୁ ସେ ସର୍ଜନଶୀଳ । ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ବିଚରଣ ଥିଲେ ମଧ୍ୟ କବିତା ତାଂକର ପ୍ରିୟତମ କଳା। କବିତାକୁ ପ୍ରାଣଭରି ଭଲପାଉଥିବାରୁ ସେହିପରି ଜଣେ କବିଂକୁ ଭଲ ପାଇ ବସିଲେ। ପ୍ରଣୟରୁ ପରିଣୟ ହେଲା। ଉଭୟଂକ ଭିତରେ ହସ୍ତଗ୍ରନ୍ଥିର ସୂତ୍ରା ହେଉଛି କବିତା। ଆଜୀବନ ଏପରି ନିବିଷ୍ଟ ଭାବେ କବିତାକୁ ନେଇ ବଂଚୁଥିବା କବି ଦମ୍ପତି ବିରଳ।

ଶିକ୍ଷା ସମାପ୍ତି ପରେ କିଛି ଦିନ ଶିକ୍ଷକତା କରିଥିଲେ । କୋରାପୁଟର ପ୍ରକୃତି ଓ ଜନଜାତି ଜୀବନଚର୍ଯ୍ୟା ତାଂକୁ ଆଲୋଡ଼ିତ କରିଥିଲା। କିଛି ଦିନ ପରେ ଏନ୍ ବି ଟିର ଓଡ଼ିଆ ସଂପାଦକ ଭାବେ ମନୋନିତ ହୋଇ ଦିଲ୍ଲୀ ଗଲେ । ଆରମ୍ଭ ହେଲା ମହାଜୀବନ। ଭାରତ ବର୍ଷର ବହୁ ପୁସ୍ତକ, ବହୁ ଲେଖକ, ବହୁ ଉତ୍ସବ ସହିତ ସମନ୍ୱିତ ହୋଇ ନିଜକୁ ଓ ନିଜ ଭାଷାକୁ ସମୃଦ୍ଧ କଲେ। ନେହୁରୁ ବାଲ ପୁସ୍ତକାଳୟର ଦାୟିତ୍ୱରେ ରହି ଶିଶୁ ସାହିତ୍ୟ ଓ ପତ୍ରିକା ସଂପାଦନା ଉଚ୍ଚକୋଟିର କରାଇ ଥିଲେ।ଏନ ବି ଟି ପକ୍ଷରୁ ପ୍ରକାଶିତ ବିଭିନ୍ନ ଭାଷାର ଉଲ୍ଲେଖନୀୟ ଗ୍ରନ୍ଥର ଓଡ଼ିଆକୁ ଅନୁବାଦ କରାଇଥିଲେ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗେ କେତୋଟି ଉପଯୋଗୀ ପୁସ୍ତକ ମଧ୍ୟ ରଚନା ଓ ସଂକଳନ କରାଇ ପ୍ରକାଶ କରିଛନ୍ତି।



ଏନ୍ ବି ଟିରେ କାର୍ଯ୍ୟ କରିବା ସମୟରେ ଉତ୍ତର-ପୂର୍ବ ପ୍ରଶାସନର ଲୋକସଂପର୍କ ନିର୍ଦ୍ଦେଶକ ଭାବରେ ମନୋନିତ ହୋଇ ଯୋଗ ଦେଇଥିଲେ। ଏଇ ପଦବୀରେ କାର୍ଯ୍ୟ କରିବା ସମୟରେ ସମଗ୍ର ଉତ୍ତର-ପୂର୍ବ ଅଂଚଳର ସବୁ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସମନବୟ ପ୍ରତିଷ୍ଠା କରିବା ପାଇଁ ତାଂକର ସତତ ଉଦ୍ୟମ ପ୍ରଶଂସନୀୟ ଥିଲା। ସେଠାରେ କାର୍ଯ୍ୟକାଳ ସମାପ୍ତ ହେଲା ପରେ ଦିଲ୍ଲୀ ଫେରି ପୁଣି ଏନ୍ ବି ଟିରେ ଚାକିରୀ ଜୀବନର ଶେଷ ଅବଧି କଟାଇ ସେ ଅବସର ନେଲେ। ଆଶାନୁରୂପ ପଦବୀ ବା ପଦୋନ୍ନତି ପାଇ ନଥିଲେ ମଧ୍ୟ କେବେହେଁ ସେ ସର୍ବଦା କର୍ମପ୍ରବଣ ରହିଥିଲେ ଓ ଅନୁଷ୍ଠାନର ବିକାଶ ଦିଗରେ କାର୍ଯ୍ୟ କରୁଥିଲେ। ଅବସର ପରେ ପୁରୀରେ ପୁଣି ସାହିତ୍ୟ ସୃଷ୍ଟି ଓ ସଂଗଠନରେ ସେ ମନୋନିବେଶ କରିଛନ୍ତି । କବିପତ୍ନୀଂକ ସହିତ ଚିର ସୁନ୍ଦର ଅଛନ୍ତି।

ମାନସଂକ ସାହିତ୍ୟ କୃତି ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ। ଓଡ଼ିଆ ସାହିତ୍ୟର ବହୁବିଧ ଧାରାରେ ତାଂକ ଲେଖନୀ ଗତିଶୀଳ। କବିତା, ଗଳ୍ପ,ପ୍ରବନ୍ଧ ଓ ଅନୁବାଦ ସହିତ ପତ୍ରିକା ସଂପାଦନା- ପ୍ରତିଟି କ୍ଷେତ୍ରରେ ସେ ସଫଳତା ଅର୍ଜନ କରିଛନ୍ତି। ଛଅଟି କବିତା ସଂକଳନ-ମାଟିଠୁ ଆକାଶ ପର୍ଯ୍ୟନ୍ତ,ଚିତ୍ରକରର ସକାଳ, ଆମେ ଦୁହେଁ ସମୟ ସାମ୍ନାରେ, ସମ୍ମ ?ହନରେ ଜୀବନ ଓ କେତେ ରଂଗର ଆକାଶ ଆଦି କବିତା ସଂକଳନ,ୟୁନିଟ୍ ତିନିର ପ୍ରେମିକା, ପ୍ରାୟତଃ ମୋ ନିଜକଥା ଗଳ୍ପ ସଂକଳନ ଓ ନିଃସଂଗ ଉପନ୍ୟାସ ତଥା ବହୁ ଶିଶୁ ସାହିତ୍ୟ ଓ ଅନୁବାଦ ଗ୍ରନ୍ଥ ତାଂକର ରଚ୍ନା। ତାଂକ ସୃଷ୍ଟିରେ ଜୀବନାନୁରାଗ ସହିତ ଉଗ୍ର ମାନବତାବାଦୀ ସ୍ୱର ତୀବ୍ର ଭାବରେ ଉଚ୍ଚାରିତ। ସାହିତ୍ୟ ପାଇଁ ବଭିନ୍ନ ଅନୁଷ୍ଠାନ ତାଂକୁ ସମ୍ମାନିତ କରିଛନ୍ତି।

ଭାରତ ବର୍ଷର ବହୁ କୃତବିଦ୍ୟ ସାହିତ୍ୟିକଂକ ସହିତ ତାଂକର ସଂପର୍କ ତାଂକ ସାହିତ୍ୟାନୁଭବକୁ ମହାର୍ଘ କରିଛି। ଏନ ବି ଟିର ପୂର୍ବତନ ଅଧକ୍ଷ ୟୁ ଆର୍ ଅନନ୍ତମୂର୍ତ୍ତି ଓ ସୁମତୀନ୍ଦ୍ର ନାଡିଗ୍ ହୁଅନ୍ତୁ ବା କର୍ତ୍ତାରସିଂ ଦୁଗଲ, ଅମୃତା ପ୍ରିତମ୍ , ମନୋଜ୍ ଦାସ- ସମସ୍ତଂକ ସହିତ ମାନସ ସଂପର୍କ ରକ୍ଷାକରି ଭାରତୀୟ ସାହିତ୍ୟର ଯଥାର୍ଥ ପ୍ରତିନିଧି ରୂପେ ନିଜର ପରିଚୟ ପ୍ରତିଷ୍ଠା କରିଛନ୍ତି।

ମାନସଂକର ଆତ୍ମଜୀବନୀ "ଆତ୍ମଲିପି ପରି" ଏକ ଅନନ୍ୟ ରଚ୍ନା , ଏଥିରେ ସେ ବ୍ୟକ୍ତିଗତକୁ ନୈର୍ବ୍ୟକ୍ତିକରେ ପରିଣତ କରି ଅତୀତ ଓ ବର୍ତ୍ତମାନ ଭିତରେ ଚିରଂତନ କଥୋପକଥନର ପଥ ଉନ୍ମୁକ୍ତ କରିଛନ୍ତି। ଏହା ପାଠକାଦୃତ ହେବ।

*ପ୍ରକଳ୍ପ ନିର୍ଦ୍ଦେଶକ*
*ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର*
*ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର*

## ଏଥର ସବୁଏମିତି

*ସ୍ୱରଚିତ ଶ୍ରୀସୁବୋଧ କୁମାରକାନୁନ୍‌ଗୋ*



ଏଥର ସବୁଏମିତି-
ଭୂଲିଯିବାକୁ ପଡିବ,
ମୋହାବିଷ୍ଟ ଯନ୍ତ୍ର ଓ ବୈଷୟୀକଜ୍ଞାନ;
ଆପଣା ଓ ପର,
ଭେଦ ଓ ଭାବ,
କୁଳ ଓ କୁଳୀନ:
ଅଷ୍ଟ ବାଓଗାଳ;
ଆଜିଯେମିତି ପ୍ରସ୍ତରଗାତ୍ରରେ
ଶିଳାଲେଖ ଓ ଦାମି-ମୂଲ୍ୟବାନ;
ଆଜିଯେମିତିରିଜର୍ଭବ୍ୟାଙ୍କର
ଦାମିନୋଟ୍ ଓ ବିମୂଲ୍ୟମୁଦ୍ରାୟନ;
ଏବେ ଦେଖ ସୈତାନ ଚତୁଃର୍ପାଶ୍ୱରେ;
ଓ ଆବଦ୍ଧ କରୁଛିମୂଲ୍ୟାଙ୍କନକୁ
ଓ ଯାତ୍ରାସରିବାର ଏକ
ଓ ବୃହତଐକ୍ୟତାନରେ;
ଏଠିଯେପରିସୀମାପାରି ନିରବତା,
କାହାରଜୀବନ୍ୟାସରେ କଅଣ ବାହଜେ,
ପୁଣି କଅଣ ପାଇଁ ଦୃଶ୍ୟଉଙ୍କିମାରେ;
ଏଠିମଣିଷଜୀବାତ୍ମା'ର ଓପର'ର;
ଶ୍ମଶାନ ଯାକେମଣିଷରସ୍ୱାର୍ଥପରତା-
ସ୍ୱାର୍ଥରୁଉଣା ଆସିଲେ
କେହିକାହାରିକୁଛାଡନ୍ତି ନାହିଁ;
ମିଥ୍ୟା,ମୈଥୁନ, ଓ ଭୟକପଟତାରେ
କିଛି,କିଛିଲେସିହୋଇଯାଉଥିବା
ମାୟାରସକାଳ ଓ
ଅଦୃଷ୍ଟ'ର ପରିହାସ;
ରକ୍ତଗତଛିଟାଏହିମଣିଷବା
ଜୀବନ୍ମୁକ୍ତ ପାର୍ଶ୍ୱେ
ପ୍ରାପ୍ତୀସ୍ଥାନ : - କଣିଆ
(ସ୍ୱାମୀଚିଦାନନ୍ଦ କୃପାଦ୍ୱାର)
ପୋ.ଅ-ବାଲିକୁଦା,
ଜଗତ୍‌ସିଂହପୁର-୭୫୪୧୦୮
ମୋ : ୮୭୬୩୯୪୭୧୦୦




# ଆମ୍ବ ବଉଳଇ ଫଗୁଣ ମାସେ, ଦିଗ ଚହଟଇ ତାର ସୁବାସେ


ଶ୍ୟାମସୁନ୍ଦର ସାମଲ

ପୌଷମାସ ଅମାବାସ୍ୟା ଦିନ ବଉଳ ଅମାବାସ୍ୟା ପଡ଼ିଥାଏ। ପାରମ୍ପରିକ ରୀତିରେ ଏହି ଦିନଟିକୁ ଓଡ଼ିଶାର ଘରେ ଘରେ ଏକ ସାମାଜିକ ଉତ୍ସବ ରୂପେ ଆବହମାନ କାଳରୁ ପାଳିତ ହୋଇଆସୁଛି। ବସନ୍ତର ଆଗମନୀର ସୂଚନା ଦେଇ ଆମ୍ବ ଗଛ ଗୁଡ଼ିକ କୁସୁମିତ ହୋଇ ଉଠୁଥିବା ସମୟରେ ପ୍ରକୃତି ଯେଉଁ ନୂତନ ପୁଲକରେ ପୁଲକିତ ହୁଏ ବଉଳ ଅମାବାସ୍ୟା ପର୍ବ ପ୍ରକୃତି ପ୍ରାଣ ଓଡ଼ିଆ ଜୀବନରେ ତାର ଏକ ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ। ଆମ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଓଡ଼ିଶା ଭାଷାର ଦୁଇଟି ଅନ୍ତରଙ୍ଗ, ସାଂସ୍କୃତିକ ଶବ୍ଦ ହେଉଛି ବଉଳପାଟ ଓ ପାଞ୍ଝି। ପାଞ୍ଝି ହେଉଛି ବିବାହ ବେଦୀରେ ବର ପିନ୍ଧୁଥିବା ହଳଦିଆ ବା ନାଲି ଧଡ଼ିଆ ଲୁଗାଯୋଡ଼। ବ୍ରତବେଦୀରେ ନବବ୍ରହ୍ମଚାରୀ ପିନ୍ଧୁଥିବା ଏହି ଧରଣର ଲୁଗାଯୋଡ଼କୁ ମଧ ପାଞ୍ଝି କୁହାଯାଏ। ସମ୍ଭବତଃ ଏହାର ଲମ୍ବ ପାଞ୍ଚ ହାତ ହୋଇଥିବାରୁ ଏହାକୁ ପାଞ୍ଝି କୁହାଯାଇଥାଏ ବୋଲି ଗୋଟିଏ ମତ ଅଛି। ସେହିପରି ବିବାହବେଦୀରେ କନ୍ୟା ପିନ୍ଧୁଥିବା ଶାଢ଼ିର ନାମ ବଉଳପାଟ। ଏହି ଶାଢ଼ିର ରଙ୍ଗ ମୁଖ୍ୟତଃ ହଳଦିଆ ହୋଇଥାଏ। ସମ୍ଭବତଃ ଆମ୍ବ ବଉଳର ରଙ୍ଗ ସହ ସାମ୍ୟ ଥିବାରୁ ଏହାର ନାମ ବଉଳପାଟ ହୋଇଛି। ଏହି ବଉଳପାଟ ଓ ପାଞ୍ଝିକୁ ନେଇ ବିବାହ ବିଧିରେ ଏକ ବିଶେଷକୃତ୍ୟ ହୋଇଥାଏ। ଏହାକୁ ଗଇଣ୍ଠାଳ ବା ବାହା ଗଇଣ୍ଠାଳ କୁହାଯାଏ। ଏଥିରେ ବିବାହ କର୍ମର ଏକ ବିଶେଷ ବିଧାନ ରୂପେ ବର ପିନ୍ଧିଥିବା ପାଞ୍ଝିର ଉତ୍ତରୀୟ ସହିତ କନ୍ୟା ପିନ୍ଧିଥିବା ବଉଳପାଟର ଓଢ଼ଣୀକୁ ଏକାଠି ମିଶାଇ ଗଣ୍ଠି ପକାଇ ଦିଆଯାଏ। ଏହା ବାହା ଗଇଣ୍ଠାଳ। ବିଧି ଅନୁସାରେ, ବିବାହ ପରବର୍ତ୍ତୀ ଶୁକ୍ଳ ଦ୍ୱିତୀୟା ଦିନ ବର ଓ କନ୍ୟାଙ୍କର ଚନ୍ଦ୍ର ବନ୍ଦାପନା ପରେ ଏହି ଗଇଣ୍ଠାଳ ଫିଟାଇଥାଏ। ତେବେ କେତେକ ଅଞ୍ଚଳରେ ସପ୍ତମଙ୍ଗଳା ଦିନ ଏହି ଗଇଣ୍ଠାଳ ଫିଟାଯାଉଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ବିବାହର ଏକ ବର୍ଷ ପରେ ଯାଇ ଏହି ଗଇଣ୍ଠାଳ ଫିଟା ନୀତି ଅନୁଷ୍ଠିତ ହୋଇଥାଏ।

ଶ୍ରୀମନ୍ଦିରର ରୁକ୍ମିଣୀ ବିବାହ ନୀତିରେ ଏହା ଏକ ସ୍ୱତନ୍ତ୍ର ବିଧି ରୂପେ ପାଳିତ ହୁଏ। ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମିଣୀ ହରଣ ଓ ରୁକ୍ମିଣୀ ବିବାହ ନୀତି ଅନୁଷ୍ଠିତ ହେଉଥିବା ବେଳେ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନନୀତି ଅନୁଷ୍ଠିତ ହୋଇଥାଏ। ସ୍ନାନଯାତ୍ରା ଦିନ ଅଣସର ନୀତି ଆରମ୍ଭ ହୋଇ ତାପରେ ଶ୍ରୀଗୁଣ୍ଡିଚା ଯାତ୍ରା ହେଉଥିବାରୁ ଶ୍ରୀଜଗନ୍ନାଥ ଗୁଣ୍ଡିଚାଘରୁ ଫେରିବା ପରର ନୀଳାଦ୍ରୀ ବିଜେ ଦିନ ହିଁ ରୁକ୍ମିଣୀ ବିବାହର ଏକ ଗଇଣ୍ଠାଳ ଫିଟାଯାଇଥାଏ। ଓଡ଼ିଆ ସାମାଜିକ ଓ ଜନଜୀବନ କ୍ଷେତ୍ରରେ ବଉଳ ଆମାବାସ୍ୟା ଏକ ନିଜସ୍ୱ ଲୌକିକ ପର୍ବ। ମନେପଡୁଛି ଲୋକପ୍ରିୟ ଓଡ଼ିଆ ଶିଶୁଗୀତଟି – 'ଆମ୍ବ ବଉଳଇ ଫଗୁଣ ମାସେ, ଦିଗ ଚହଟଇ ତାର ସୁବାସେ।'

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ବିଡ଼ାନାସୀ ବନ୍ଧଛକ, କଟକ*

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟାଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୂଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼–ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା। ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେଂାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା। ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛନ୍ତି। ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ। ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ। ଯାଜପୁର-କେନ୍ଦୁଝର – ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ। ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦୁଝର – ରାଉରକେଲା – ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛନ୍ତି। ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା। ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ। ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ। ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡ଼ୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି। ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜ୍ୱଳ ଭବିଷ୍ତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

